ଧରିତ୍ରୀ
DHARITRI
July 9-15, 2023 ₹ 2/-

ଛୁଟି ଦିନ



# ଚିଲିକା ଚିନ୍ତା

ସୌନ୍ଦର୍ଯ୍ୟମୟୀ ଚିଲିକାର ସୌନ୍ଦର୍ଯ୍ୟ କାହାକୁ ବା ଆକର୍ଷିତ ନ କରିଛି। କିନ୍ତୁ ତା'ର ସୌନ୍ଦର୍ଯ୍ୟ ଏବେ ନଷ୍ଟ ହେବାରେ ଲାଗିଛି; ଯାହା ବର୍ତ୍ତମାନ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ସରକାରୀ ସ୍ତରରେ କିଛି ଯୋଜନା ହେଉଥିବାବେଳେ କିଛି ବ୍ୟକ୍ତି ବିଶେଷ ନିଜସ୍ୱ ଉଦ୍ୟମରେ ମଧ୍ୟ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି...

ପ୍ରଚ୍ଛଦ ପ୍ରସଙ୍ଗ
୩



# ଖାଲି ରଖିବେ ନାହିଁ କେଉଁ ଜିନିଷ

**ବାସ୍ତୁଶାସ୍ତ୍ର ଅନୁସାରେ, ଘରେ ଏମିତି କେତେକ ଜିନିଷ ରହିଛି, ଯାହାକୁ କେବେ ବି ଖାଲି ରଖିବା ଆଦୌ ଠିକ୍ ନୁହେଁ। ନଚେତ୍ ଏହାର ଅନେକ କୁପ୍ରଭାବ ଆମ ଜୀବନଶୈଳୀ ଉପରେ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି। ଯେମିତିକି:**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ କେବେ ବି ଚାଉଳ ଡବାକୁ ଖାଲି ରଖିବେ ନାହିଁ। ଏଥିରୁ ଚାଉଳ ସରିବା ପୂର୍ବରୁ ଏହାକୁ ପୁଣି ଭର୍ତ୍ତିକରି ଦେଉଥିବେ। କୁହାଯାଏ, ଭରି ରହିଥିବା ଅନ୍ନଡବା



ଘରେ ସମୃଦ୍ଧି ଆଣିଥାଏ।

* ପାଣି ବାଲ୍ଟିକୁ ମଧ୍ୟ ଖାଲି ରଖିବା ଠିକ୍ ନୁହେଁ। ବ୍ୟବହାର ହେଉ କିମ୍ବା ନ ହେଉ ବାଲ୍ଟିରେ ସବୁବେଳେ ପାଣି ଭର୍ତ୍ତି କରି ରଖୁଥିବେ। କଳା ରଙ୍ଗର କିମ୍ବା ଭାଙ୍ଗିଯାଇଥିବା ବାଲ୍ଟିକୁ ମଧ୍ୟ ବ୍ୟବହାର କଲେ ଏହାର କୁପ୍ରଭାବ ପଡ଼ିଥାଏ ବୋଲି ବିଶ୍ୱାସ କରାଯାଏ।
* ପୂଜାଘରେ ରଖାଯାଉଥିବା ଜଳପାତ୍ରକୁ ମଧ୍ୟ କେବେ ବି ଖାଲି ରଖିବେ ନାହିଁ। ଏହାର ନକାରାତ୍ମକ ପ୍ରଭାବ ପରିବାର ଉପରେ ପଡିଥାଏ।
* ଘରର ଟ୍ରେଜେରି ହେଉ ଅବା ମନିପର୍ସକୁ ବି ଖାଲି ରଖିବା ଠିକ୍ ନୁହେଁ। ଅଳ୍ପ ହେଉ ପଛେ ସେଥିରେ କିଛି ଟଙ୍କା ନିଶ୍ଚୟ ରଖିଦେବେ। ଏହାଛଡ଼ା କଉଡ଼ି, ଗୋମତୀ ଚକ୍ର ଓ ଶଙ୍ଖ ଟ୍ରେଜେରିରେ ରଖିଲେ ବି ସମୃଦ୍ଧି ଆସେ ବୋଲି ବିଶ୍ୱାସ ରହିଛି।
* ସବୁଠୁ ବଡ଼ କଥା ହେଉଛି, ଦୁଆର ମୁହଁରୁ କୌଣସି ଅସହାୟ ଲୋକଙ୍କୁ ଖାଲି ହାତରେ ଫେରାଇବା ବି ଉଚିତ ନୁହେଁ। ନିଜ ସାଧ୍ୟମତେ ତାଙ୍କୁ ସାହାଯ୍ୟ କରିବା ଦରକାର। ଏହାଦ୍ୱାରା ପ୍ରଭୁକୃପା ମିଳେ ବୋଲି ମାନ୍ୟତା ରହିଛି।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଜୁଲାଇ ୯-୧୫**

**ମେଷ**: କର୍ମକ୍ଷେତ୍ରରେ ସହଯୋଗର ଅଭାବ, ଦୂରସ୍ଥାନକୁ ଯିବାକୁ ପଡିବ, ଆନୁଷ୍ଠାନିକ ସଫଳତା ମିଳିବ, ବ୍ୟବସାୟରେ ଲାଭବାନ ହେବେ, ସହକର୍ମୀଙ୍କ ସଦ୍‌ଭାବ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ରାଜନୈତିକ ପୃଷ୍ଠପୋଷକତା ।।

**ବୃଷ**: ବୃତ୍ତି ବାଣିଜ୍ୟରେ ସଫଳତା, ଭ୍ରମଣ ସୁଯୋଗ, ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥ ଲାଭ, ବନ୍ଧୁଙ୍କ ପରାମର୍ଶ, ବୁଝାମଣା ଠିକ୍ ରହିବ, ଭ୍ରାତୃ ବିବାଦର ପରିସମାପ୍ତି, କାରବାରରେ ଲାଭ, ଆନୁଷ୍ଠାନିକ ପ୍ରଶଂସା, ବ୍ୟୟ ବୃଦ୍ଧି, ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ।

**ମିଥୁନ**: ସ୍ଥଗିତ କାର୍ଯ୍ୟାରମ୍ଭ, ଦୃଢ ନିଷ୍ପତି ନେବେ, ସ୍ୱାସ୍ଥ୍ୟରେ ଉନ୍ନତି, ଶୁଭ ଖବର ପ୍ରାପ୍ତି, ବନ୍ଧୁଙ୍କ ପ୍ରତିଶ୍ରୁତି, ଭ୍ରମଣ ଜନିତ କ୍ଳାନ୍ତି, ଆଶାବାଦୀ ହେବେ, କଳାସାହିତ୍ୟରେ ଉନ୍ନତି, ଦୂରଯାତ୍ରା, ସଞ୍ଚୟ ବୃଦ୍ଧି ।।

**କର୍କଟ**: ସମସ୍ୟା ସମାଧାନ, ଅସୁସ୍ଥତା ଦୂରହେବ, କାମ ସ୍ଥଗିତ ରହିପାରେ, ଅନୁତପ୍ତ ହେବେ, ଅର୍ଥ ଲାଭ, ଅନିଦ୍ରା ଜନିତ ପୀଡା, ଅସମ୍ପୂର୍ଣ୍ଣ କାର୍ଯ୍ୟ, ମଉଜ ମଜଲିସ, ଶୁଭ ଖବର, ଅପବ୍ୟୟ, ସହକର୍ମୀଙ୍କ ସହଯୋଗ ।।

**ସିଂହ**: ମାନସିକ ଅସ୍ଥିରତା, ଅଶୌଚଖବର ପ୍ରାପ୍ତି, ବିବାଦ ଘନେଇବ, ଅଭିଯୋଗ ଆସିପାରେ, ବୁଝାମଣା ନେଇ ତିକ୍ତତା, କରଜ କରିବେ, ସ୍ୱାସ୍ଥ୍ୟରେ ଉନ୍ନତି, ବୁଝାମଣାରେ ତ୍ରୁଟି, ଦୂରଯାତ୍ରା ପାଇଁ ପ୍ରସ୍ତୁତି ।।

**କନ୍ୟା**: ଶୁଭଖବର ପାଇବେ, ଜଞ୍ଜାଳ ବୃଦ୍ଧି ପାଇବ, ପ୍ରଶାସନିକ ତତ୍ପରତା, ଟେନସନ୍ କମିଯିବ, ବ୍ୟବସାୟରେ ପ୍ରତିବନ୍ଧକ, ଅଭିଳଷିତ ଫଳପ୍ରାପ୍ତି, ଆମୋଦ ପ୍ରମୋଦର ମଉକା, ନୂତନ ନିଯୁକ୍ତି ଖବର ।।

**ତୁଳା**: ସମସ୍ୟା ସୁଧୁରିବ, ସ୍ୱାସ୍ଥ୍ୟରେ ଉନ୍ନତି, ଦ୍ରବ୍ୟ ଲାଭ, ବନ୍ଧୁବର୍ଗଙ୍କ ସହାନୁଭୂତି, ଲକ୍ଷ୍ୟ ହାସଲ, ଅର୍ଥର ଆବଶ୍ୟକତା, ସୁଯୋଗ ମିଳିବ, ପ୍ରକାଶନରେ ସମସ୍ୟା, ଶିଳ୍ପବାଣିଜ୍ୟରେ ଉନ୍ନତି, ନୂତନ ସମ୍ପର୍କ ଯୋଡିବେ ।।

**ବିଛା**: ନୂଆବନ୍ଧୁଙ୍କୁ ମିଶିବେ, ଫଳପ୍ରଦ ଆଲୋଚନା, ନିର୍ମାଣ କାର୍ଯ୍ୟରେ ଦ୍ୱନ୍ଦ୍ୱ, ଅପ୍ରିୟ ସତ୍ୟରୁ ଅନର୍ଥ, ଧନହାନି, ଯାତ୍ରାରେ ବିଳମ୍ବ, ଉନ୍ନତ ଚିନ୍ତା, ସାଂସ୍କୃତିକ କାର୍ଯ୍ୟାରମ୍ଭ, ଆର୍ଥିକ ସଂକଟ, ଭ୍ରାତୃ ସମ୍ପର୍କରେ ଅବନତି, ବିଜାତୀୟଙ୍କ ସାହାଯ୍ୟ ।।

**ଧନୁ**: ନୈତିକତାର ମାନବୃଦ୍ଧି, କର୍ମକ୍ଷେତ୍ରରେ ଦକ୍ଷତା, ପାରିବାରିକ ଶାନ୍ତି, ସମ୍ପର୍କ ବୃଦ୍ଧି, ପାରିଶ୍ରମିକ କମିବ, ପୁରାତନ ରୋଗର ପୀଡା, ପଡୋଶୀଙ୍କ କ୍ରୋଧ, ସନ୍ତାନ ହେତୁକ ଗୌରବ, ରୋଗପୀଡା କମିବ ।।

**ମକର**: ନୂତନ ଯୋଜନାରମ୍ଭ, ଆର୍ଥିକ ଅଭିବୃଦ୍ଧି, ଦୂରସ୍ଥାନକୁ ଯାତ୍ରା, ଦ୍ରବ୍ୟହାନୀରୁ ମନସ୍ତାପ, ସ୍ୱାସ୍ଥ୍ୟରେ ସମସ୍ୟା, ଉଚ୍ଚ ସମ୍ମାନ ପାଇବେ, ଅର୍ଥସଙ୍କଟ ଟଳିଯିବ, ଗୃହ ବିବାଦ, ବ୍ୟବସାୟିକ ଉନ୍ନତି, ସ୍ଥାନାନ୍ତରର ସୂଚନା, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ।।

**କୁମ୍ଭ**: ମାନସିକ ସ୍ଥିରତା, କାର୍ଯ୍ୟସିଦ୍ଧି, ସ୍ୱଜନ ଶତ୍ରୁତା, ଯାନ୍ତ୍ରିକ ଜିନିଷ କ୍ରୟ, କାମରେ ଅବହେଳା, ଭ୍ରାତୃପ୍ରୀତି, ଭ୍ରମଣ ସୁଯୋଗ, ଅତ୍ୟଧିକ କାମରୁ କ୍ଳାନ୍ତି ଓ ଅବସାଦ, ଅଭିଳଷିତ ଫଳ, ଯାତ୍ରା ସ୍ଥଗିତ, ବାଣିଜ୍ୟରେ ପ୍ରତିବନ୍ଧକ ।।

**ମୀନ**: କର୍ମକ୍ଷେତ୍ରରେ ପ୍ରତିଷ୍ଠା, ନୂତନ ମିତ୍ରତା, ଆନୁଷ୍ଠାନିକ ପ୍ରଶଂସା, ମାନସିକ ବ୍ୟଥା, ଯାତ୍ରାରେ ସଫଳତା, ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ପ୍ରେରଣା, ପାରିବାରିକ ସହଯୋଗ, ଦ୍ୱନ୍ଦ୍ୱର ଅବସାନ ଘଟିବ, ଆଶଙ୍କା ଦୂର ହେବ, ଆର୍ଥିକ ଉନ୍ନତି, ଶୁଭ ଖବର ପ୍ରାପ୍ତି ।।

# ଜନ୍ମମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ

**ଜ୍ୟୋ**ତିଷଶାସ୍ତ୍ର ଅନୁଯାୟୀ, ଇଂରାଜୀ ମାସ ଜାନୁୟାରୀରେ ଜନ୍ମ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ମନରେ ଅନ୍ୟମାନଙ୍କ ପାଇଁ ସମ୍ମାନ ରହିଥାଏ। ନିଜ ଇଚ୍ଛାକୁ ସେମାନେ କାହା ଉପରେ ଲଦନ୍ତି ନାହିଁ। ଫେବୃୟାରୀରେ ଜନ୍ମ ହୋଇଥିବା ବ୍ୟକ୍ତି ସଚ୍ଚୋଟ ବନ୍ଧୁ ଓ ଦାୟିତ୍ୱବାନ୍ ସାଥୀ ହେବାକୁ ଯୋଗ୍ୟ ହୋଇଥାନ୍ତି। ପ୍ରକୃତିକୁ ଭଲ ପାଇବା, ରୋମାଞ୍ଚକର ଯାତ୍ରାରେ ବି ଏମାନଙ୍କର ରୁଚି ରହିଥାଏ। ମାର୍ଚ୍ଚରେ ଜନ୍ମିତ ବ୍ୟକ୍ତି ଶାନ୍ତ ଓ ଦୟାଳୁ ସ୍ୱଭାବର ହୋଇଥାନ୍ତି। ଏପ୍ରିଲରେ ଯେଉଁମାନେ ଜନ୍ମ ସେମାନେ ସ୍ପଷ୍ଟବାଦୀ ଆଉ ଜିଦ୍‌ଖୋର ହୋଇଥାନ୍ତି। ମେ'ରେ ଜନ୍ମିତ ବ୍ୟକ୍ତି କଳାପ୍ରେମୀ ଆଉ ଚଞ୍ଚଳ ସ୍ୱଭାବର ହୋଇଥିବାବେଳେ ଜୁନ୍‌ରେ ଜନ୍ମିତ ବ୍ୟକ୍ତି ସମ୍ବେଦନଶୀଳ ଆଉ ରୋମାଣ୍ଟିକ୍ ସ୍ୱଭାବର ହୋଇଥାନ୍ତି। ସାମାନ୍ୟ ଈର୍ଷାଳୁ ଭାବ ବି ଏମାନଙ୍କଠାରେ ଦେଖାଯାଇଥାଏ। ଜୁଲାଇରେ ଜନ୍ମିତ ବ୍ୟକ୍ତି ଟିକେ ରାଗୀ ସ୍ୱଭାବର ହୋଇଥିଲେ ହେଁ ପରୋପକାର କରିବାକୁ ପସନ୍ଦ କରିଥାନ୍ତି। ଅଗଷ୍ଟରେ ଜନ୍ମିତ ବ୍ୟକ୍ତି ଖୁବ୍ ପରିଶ୍ରମୀ ହୋଇଥାନ୍ତି, ସେଥିପାଇଁ ଏମାନଙ୍କ




ପାଖରେ କେବେ ବି ଅର୍ଥର ଅଭାବ ଦେଖାଯାଏ ନାହିଁ। ବୁଦ୍ଧିମାନ୍ ତଥା ଈଶ୍ୱରବିଶ୍ୱାସୀ ହୋଇଥାନ୍ତି ସେପ୍ଟେମ୍ବର ମାସରେ ଜନ୍ମିତ ବ୍ୟକ୍ତି। କିନ୍ତୁ ସାମାନ୍ୟ କଥାରେ ଏମାନେ ଉଦାସୀନ ବି ହୋଇଯାନ୍ତି। ଅକ୍ଟୋବରରେ ଜନ୍ମିତ ବ୍ୟକ୍ତି କଳା ଓ ସାହିତ୍ୟପ୍ରେମୀ ହେବା ସହ ସାମାନ୍ୟ ଈର୍ଷାଳୁ ମଧ୍ୟ ହୋଇଥାନ୍ତି। ନଭେମ୍ବରରେ ଜନ୍ମିତ ବ୍ୟକ୍ତି ଦୂରଦର୍ଶୀ, ସାହସୀ ତଥା ଚାଲାକ୍ ସ୍ୱଭାବର ହୋଇଥିଲେ ହେଁ ପ୍ରଶଂସାପ୍ରିୟ ହୋଇ ନ ଥାନ୍ତି। ଡିସେମ୍ବରରେ ଜନ୍ମିତ ବ୍ୟକ୍ତି ସୌଖୀନପ୍ରିୟ ହୋଇଥାନ୍ତି। ସବୁ କିଛି ଭଲ ହୋଇଥିବା ତାଙ୍କର ଦରକାର।

# ପାଠକୀୟ

➢ଜଗତ ଠାକୁର ଦାରୁଦିଅଁ। ଭାଇଭଉଣୀଙ୍କୁ ସାଥିରେ ଧରି ଏବେ ଆବିର୍ଭାବ ସ୍ଥଳରେ ବିରାଜିତ। ସେବକ ଆଉ ଶ୍ରଦ୍ଧାଳୁଙ୍କ ସମାବେଶରେ ମୁଖରିତ ସୁନ୍ଦରାଚଳ। ଏହି ପବିତ୍ରସ୍ଥଳ ସହ ଆଇତୋଟାକୁ ନେଇ ରହିଛି ଭାବର ଗାଥା। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଆଇତୋଟା' ବେଶ୍ ମନଛୁଆଁ ହୋଇପାରିଥିଲା। 'ଗଙ୍ଗାଜଳ ଦୂରକରିବ ବାସ୍ତୁଦୋଷ', 'ସୁସ୍ଥ ରହିବାର ଉପାୟ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ରଶ୍ମିପ୍ରଭା ଦାସ, ଜୟଦେବ ବିହାର, ଭୁବନେଶ୍ୱର*

➢ଏଥରର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ଆଇତୋଟା' ଏକ ଭକ୍ତିପୂର୍ଣ୍ଣ ଆଲେଖ୍ୟ ଥିଲା। 'ମାଣିକପାଟଣା: ସେବେ ଆଉ ଏବେ' ଏକ ସମୟୋପଯୋଗୀ ଆଲେଖ୍ୟ ଭାବେ ମୋ ମନ କିଣିନେଲା। 'ସୁନ୍ଦର କିନ୍ତୁ ଭୟଙ୍କର' ପାଠରୁ କେତେକ ଅଜବ ମାଛ ସମ୍ପର୍କରେ ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବହୁମୁଖୀ ବଦ୍ରି ମିଶ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ସୌମେନ୍ଦ୍ର ପ୍ରିୟଦର୍ଶୀ, ରାଉରକେଲା*

➢ସୃଜନ ପୃଷ୍ଠାରେ ସ୍ଥାନିତ 'ଝରକା' ଶୀର୍ଷକ ଗପ ଏବଂ 'ବର୍ଷା ଓ କୃଷ୍ଣଚୂଡ଼ା' ଶୀର୍ଷକ କବିତାଟି ବେଶ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଦୁଇଶହରୁ ଜଣେ', 'ଆଶା ରଖିଥିଲେ ଆମୀର', 'ଚନ୍ଦ୍ରମା' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର ଥିଲା। ଶିକ୍ଷାବିତ୍ ତଥା ଶିଶୁ ସାହିତ୍ୟିକ ନିରାକାର ଚଇନିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ହୃଦୟସ୍ପର୍ଶୀ ଥିଲା।

*– ଅମନ ବେହେରା, ଢେଙ୍କାନାଳ*

➢'ଅଜବ ଉଦ୍ଭାବନ' ପାଠଟି ସତରେ ବେଶ୍ ଅଜବ ଥିଲା ପଢ଼ିବାକୁ। ମଡେଲ ମିରରରେ ପ୍ରିୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ସହର ପୃଷ୍ଠାରୁ 'ଅର୍ବୁଦା ଦେବୀ ମନ୍ଦିର' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଫୁଟ୍‌ବଲର ରଙ୍ଗ କଳା ଧଳା କାହିଁକି' ପାଠଟିରୁ ଅନେକ କିଛି ଭଲ କଥା ଶିଖିହେଲା।

*– ସୁନିତ୍ ସ୍ୱାଇଁ, ପାଣିକୋଇଲି, ଯାଜପୁର*

➢ଏଥରର ଚିନ୍ମୟ ଚିନ୍ତନ 'ଭାବିଥିଲି କମ୍, ପାଇଲି ବେଶି' ପାଠଟି ବେଶ୍ ଶିକ୍ଷଣୀୟ ହୋଇପାରିଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ପୋର୍ଟେବଲ ୱାଶ୍ ବେସିନ୍', 'ପିଜ୍ଜା ଖାଇବା ଚାକିରି', 'ଅନ୍ତରୀକ୍ଷରେ ଫୁଟିଲା ଫୁଲ' ଆଦି ପାଠ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର ବି ଲାଗୁଥିଲା।

*– ସ୍ମୃତିରଞ୍ଜନ ପଟ୍ଟନାୟକ, ଝାରସୁଗୁଡ଼ା*

## ବିଶେଷ ଚିଠି



**ପ୍ର**ଚ୍ଛଦ ପ୍ରସଙ୍ଗ 'ଆଇତୋଟା'
ଲାଗୁଥିଲା ଭାରି ବଢ଼ିଆ,
ଶିଖାଉଥିଲା ଅନେକ କଥା,
ପୁଣି ତୁମ ସୃଜନର ଦୁନିଆ।
ସାଥୀ ପୃଷ୍ଠା ବି ଥିଲା ଭାରି ଚମତ୍କାର
ସିନେମା ପୃଷ୍ଠା ବି କହୁଥିଲା
ସେଲିବ୍ରିଟିଙ୍କ ଖବର,
ସେଥିପାଇଁ ହେ ଛୁଟିଦିନ
ତୁମେ ଅନନ୍ୟ।

*– ଶ୍ୟାମାମଣି ଦାଶ, ପିପିଲି, ପୁରୀ*

**ଧରିତ୍ରୀ ଛୁଟିଦିନ**

**ସମ୍ପାଦକ: ତଥାଗତ ସତପଥୀ**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଚିଲିକା ଚିନ୍ତା




**ସୌନ୍ଦର୍ଯ୍ୟମୟୀ ଚିଲିକାର ସୌନ୍ଦର୍ଯ୍ୟ କାହାକୁ ବା ଆକର୍ଷିତ ନ କରିଛି। କିନ୍ତୁ ତା'ର ସୌନ୍ଦର୍ଯ୍ୟ ଏବେ ନଷ୍ଟ ହେବାରେ ଲାଗିଛି ; ଯାହା ବର୍ତ୍ତମାନ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ସରକାରୀ ସ୍ତରରେ କିଛି ଯୋଜନା ହେଉଥିବାବେଳେ କିଛି ବ୍ୟକ୍ତି ବିଶେଷ ନିଜସ୍ୱ ଉଦ୍ୟମରେ ମଧ୍ୟ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି...**


ଦିନକୁ ଦିନ ଚିଲିକାର ପ୍ରାକୃତିକ ପରିବେଶ ବିପନ୍ନ ହେଉଛି। ବହୁସଂଖ୍ୟକ ମେଶିନ ଚାଳିତ ଡଙ୍ଗାର ଚଳପ୍ରଚଳ ଯୋଗୁ ସେଥିରୁ ନିର୍ଗତ ତୈଳ ଚିଲିକା ଜଳରେ ମିଶି ବିଷାକ୍ତ ଆସ୍ତରଣ ସୃଷ୍ଟି କରୁଛି। ଏହାଛଡ଼ା ଚିଙ୍ଗୁଡ଼ି ଘେରି ଓ ଚିଲିକାର ଉପକୂଳବର୍ତ୍ତୀ ବିଭିନ୍ନ ଚାଷଜମିରେ ବ୍ୟବହୃତ କୀଟନାଶକ ଚିଲିକା ଜଳରେ ବି ମିଶୁଛି। ଏପରି ପ୍ରଦୂଷଣ ଦ୍ୱାରା ଚିଲିକା ଜଳରେ ଅମ୍ଳଜାନ ମାତ୍ରା ଦ୍ରୁତଗତିରେ ହ୍ରାସ ପାଉଛି। ଯାହାଫଳରେ ମାଛମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାବାଦ୍ ଉପକୂଳବର୍ତ୍ତୀ ଜଙ୍ଗଲଗୁଡ଼ିକରୁ ବହୁଳ ମାତ୍ରାରେ ଗଛ କଟାଯାଉ ଥିବାରୁ ମୃତ୍ତିକା କ୍ଷୟ ହୋଇ ଚିଲିକାରେ ପଡ଼ିଥିବା ବିଭିନ୍ନ ନାଳ ଓ ନଦୀଗୁଡ଼ିକରୁ ପଟୁମାଟି ଯାଇ ଚିଲିକାକୁ ପୋତି ପକାଉଛି। ଫଳରେ ଚିଲିକାର ଆୟତନ କମି କମି ଆସୁଛି। ଅନେକ ନୂତନ କୁଦ ସୃଷ୍ଟି ହେବାରୁ ଚିଲିକା ସଙ୍କୁଚିତ ହେଉଛି। ଶିକାରୀଙ୍କ ଯୋଗୁ ପକ୍ଷୀଙ୍କ ସୁରକ୍ଷା ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିରଳ ଇରିୱାଡି ଡଲ୍‌ଫିନ୍‌ଙ୍କ ପ୍ରତି ମଧ୍ୟ ବିପଦ ଦେଖା ଦେଇଛି ; ଯାହା ଏବେ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି। ଯେଉଁଥିପାଇଁ ଏବେ ଅନେକ ପରିବେଶବିତ୍ ନିଜସ୍ୱ ଉଦ୍ୟମରେ ଚିଲିକା ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି।

**ପ୍ରଦୂଷଣମୁକ୍ତ ଚିଲିକା ପାଇଁ ପ୍ରୟାସ:** ଏକାଧାରରେ ସେ ଜଣେ ଅଧ୍ୟାପକ, ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ,ଦୁଃସାହସୀ ଅଭିଯାତ୍ରୀ,ସାମାଜିକ କର୍ମୀ, ଚିତ୍ରକର, ପରିବେଶବିତ୍ ଓ ଇତିହାସ ଲେଖକ । ସେ ହେଲେ ବାଲୁଗାଁ ମହାବିଦ୍ୟାଳୟର ଯୁବ ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ଡ. ଅକ୍ଷୟ କୁମାର ମିଶ୍ର। ତାଙ୍କ ଘର ଚିଲିକା ନିର୍ବାଚନ ମଣ୍ଡଳୀରେ। ସେ କୁହନ୍ତି, ୨୦୦୨ରୁ ଚିଲିକା ସୁରକ୍ଷା ନେଇ ଚିଲିକା ବଞ୍ଚାଅ, ପକ୍ଷୀ ବଞ୍ଚାଅ ଆଦି ସଚେତନତା କାର୍ଯ୍ୟ କରିଆସୁଛି। ଚିଲିକା ଅଞ୍ଚଳରେ ପରିବେଶ ସମ୍ପର୍କିତ ବିବିଧ ପ୍ରକଳ୍ପର କାର୍ଯ୍ୟ କରିବା ସହ ପରିବେଶ ସଚେତନତା କାର୍ଯ୍ୟ ପାଇଁ ଗତବର୍ଷ ବାଲୁଗାଁ ମହାବିଦ୍ୟାଳୟକୁ ସମ୍ମାନଜନକ ପ୍ରକୃତି ମିତ୍ର ସମ୍ମାନ ମିଳିଛି। ଚଳିତବର୍ଷ ବ୍ୟକ୍ତିଗତ ଭାବରେ ଚିଲିକା ଅଞ୍ଚଳରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି। ପ୍ରତିବର୍ଷ ଶୀତଦିନ ପୂର୍ବରୁ ଏବଂ ଶୀତଋତୁରେ ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ଚିଲିକା ଉପକୂଳବର୍ତ୍ତୀ ଗାଁରେ ଜନସଚେତନତା ଉଦ୍ଦେଶ୍ୟରେ ପ୍ରଚାରଧର୍ମୀ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରାଚୀନ ମନ୍ଦିର ଓ ସାଂସ୍କୃତିକ କ୍ଷେତ୍ରର ସୁରକ୍ଷା ପାଇଁ ଅନେକ ସଚେତନତା କାର୍ଯ୍ୟ କରିଆସୁଛି। ବିଶେଷକରି ଚିଲିକାର ଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପଲିଥିନ୍‌କୁ ବାରଣ କରିବା ଓ ଚିଲିକା ଜଳକୁ ଆବର୍ଜନାରୁ ମୁକ୍ତ ରଖିବା ନେଇ ଆମ କଲେଜର ଛାତ୍ରୀଛାତ୍ରମାନଙ୍କୁ ଏକାଠି କରି ଏକ ସାଇକେଲ ରାଲି ଓ ପଥପ୍ରାନ୍ତ ସଭାର ଆୟୋଜନ କରିଆସୁଛି।

**ପକ୍ଷୀଙ୍କ ପାଇଁ ତାଳଗଛ ଲଗାଉଛି :** ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳ ସିପିଆ ଗାଁର ନକୁଳ ସୁନ୍ଦରା ଏବେ ଚିଲିକା ସୁରକ୍ଷା ଚିନ୍ତାରେ। ସେ କୁହନ୍ତି, ଚାରିଆଡ଼େ ବହୁସଂଖ୍ୟାରେ ଗଛକଟା ଯୋଗୁ ଜଙ୍ଗଲ ଧ୍ୱଂସ ହେଉଛି। ଏଥିଯୋଗୁ ପରିବେଶ ସନ୍ତୁଳନରେ ବାଧା ବି ଉପୁଜିଲାଣି। ଆମ ଚିଲିକା ଅଞ୍ଚଳରେ ପୁରୁଣା ତାଳଗଛ ସଂଖ୍ୟା କମି କମି ଯାଉଥିବାରୁ ଆଗଭଳି ଆଉ ବହୁ ସଂଖ୍ୟକ ଚିଲ ଓ କୁରବଳ ପକ୍ଷୀ ଦେଖିବାକୁ ମିଳୁନାହିଁ। ଏମିତି ପରିସ୍ଥିତିରେ କିପରି ଚିଲିକାର ପରିବେଶ ଭଲ ରହିବ, ତା'ର ସୌନ୍ଦର୍ଯ୍ୟ ବଢ଼ିବ ଓ ପକ୍ଷୀମାନେ ଅଧିକ ସଂଖ୍ୟାରେ ଆସିବେ, ଏଥିପାଇଁ ତାଳଗଛ ଲଗାଇବା ସହ ଚିଲିକାର ପରିବେଶ ସୁରକ୍ଷା ପାଇଁ ଚିନ୍ତା କରିଥିଲି। ମୋତେ ୫୫ବର୍ଷ ହେଲାଣି । ମୁଁ ଜଣେ ସାଧାରଣ ଦିନମଜୁରିଆ। ସ୍ତ୍ରୀ, ଗୋଟିଏ ପୁଅ ଓ ୨ଟି ଝିଅଙ୍କୁ ନେଇ ମୋ ପରିବାର। ଦୈନିକ ମୂଲମଜୁରି ଲାଗିଲେ ପରିବାର ପ୍ରତିପୋଷଣ ହୋଇଥାଏ। କିନ୍ତୁ ଚିଲିକାର ପରିବେଶ ଯଦି ଭଲ ରହିବ ତେବେ ଆମ ଅଞ୍ଚଳର ଶ୍ରୀ ବୃଦ୍ଧି ହେବ। ଏଥିପାଇଁ କିଛି ସମୟ ଦେବାକୁ ପଡ଼ିବଭାବି ମୁଁ ଚିଲିକା ଉପକୂଳ ଗାଁ ରାସ୍ତାକଡ଼ ଓ ଘେରିବନ୍ଧରେ ଆଜକୁ ପ୍ରାୟ ୩ ବର୍ଷ ହେବ ପ୍ରାୟ ୧୫ହଜାର ତାଳ ଟାକୁଆ ପକାଇଥିଲି । ସେସବୁରୁ ଗଜା ହୋଇ ଗଛ ହୋଇସାରିଲାଣି। ଗଛ ଲଗାଇବା ହେଉ କି ପରିବେଶ ସଫାସୁତୁରା ଆଦି କାମରୁ ମୋତେ ଆନନ୍ଦ ମିଳୁଛି।

**ପକ୍ଷୀ ଶିକାରୀ ଏବେ ସୁରକ୍ଷାକାରୀ:** ପ୍ରାକୃତିକ ପରିବେଶରେ ଜୀବଜନ୍ତୁମାନେ କିପରି ଭୟମୁକ୍ତ ଓ ନିରାପଦରେ ବିଚରଣ କରିବା ସହ ବଂଶବିସ୍ତାର କରିପାରିବେ, ଏଥିପାଇଁ କେବଳ ବନ କର୍ମଚାରୀଙ୍କ ପଦକ୍ଷେପ ଯଥେଷ୍ଟ ନୁହେଁ ବରଂ ଗ୍ରାମବାସୀଙ୍କ ସହଯୋଗ ଏବଂ ସାହାଯ୍ୟ ଜରୁରୀ । ଏମିତି ଭାବକୁ ଥରେ ବୁଝିଗଲେ ଶିକାରୀ ବି ପାଲଟିଯାଏ ସୁରକ୍ଷାକାରୀ । ତାହାର ବାସ୍ତବ ଚିତ୍ର ତାଙ୍କୁ ଦେଖିବାକୁ ମିଳିଛି ବୋଲି କୁହନ୍ତି ପରିବେଶବିତ୍ ତଥା ପକ୍ଷୀପ୍ରେମୀ ନନ୍ଦକିଶୋର ଭୁଜବଳ। ସେ କୁହନ୍ତି, ଦିନେ ଯେଉଁମାନେ ପକ୍ଷୀ ଶିକାରୀ ଥିଲେ ସେମାନେ ଆଜି ସୁରକ୍ଷାକାରୀ। ଏମିତି କାର୍ଯ୍ୟକୁ ସଫଳ କରାଇବାରେ ଗାଁଲୋକଙ୍କ ଭୂମିକା ସବୁଠୁ ଅଧିକ । ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ପାଇଁ ମୁଁ କେବଳ ମୋ କର୍ତ୍ତବ୍ୟ କରିଛି । ୧୯୯୬ରୁ ଚିଲିକା ପକ୍ଷୀ ସୁରକ୍ଷା ନିମନ୍ତେ ପ୍ରଥମେ ସୋରଣ ମୁସଲମାନ ସାହିଠାରେ ଜଣେ ସାମ୍ବାଦିକ ବନ୍ଧୁଙ୍କ ସହଯୋଗରେ ଶିକାରୀଙ୍କୁ ବୁଝାଇବା ପାଇଁ ପ୍ରୟାସ କରାଯାଇଥିଲା। ମାତ୍ର ଏଠାକାର ଲୋକମାନେ ସେତେବେଳେ ସଚେତନ ହୋଇପାରି ନ ଥିଲେ। ଏହାପରେ ମଙ୍ଗଳାଯୋଡ଼ି ଗାଁରେ ପକ୍ଷୀ ସୁରକ୍ଷା ସମିତି ଗଠନ ହୋଇଥିଲା। →











ଅକ୍ଷୟ


ଅମିତା


ନକୁଳ


ନନ୍ଦକିଶୋର


ପବିତ୍ରମୋହନ


ସୁବାଷ


ସୁନିତା

ଶିକାରୀମାନେ ପକ୍ଷୀ ସୁରକ୍ଷା ପାଇଁ ପ୍ରଥମେ ପ୍ରଥମେ ଆମକୁ ବିରୋଧ କରିଥିଲେ। ବିଭିନ୍ନ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ବାରମ୍ବାର ସଚେତନତା କରିବା ପରେ କେତେଜଣ ବୁଦ୍ଧିଜୀବୀ ଓ ପରିବେଶବିତ୍ ଏହାର ସମାଧାନ ଚିନ୍ତାକଲେ। କେତେଜଣ ଶିକାରୀ ସ୍ୱତଃପ୍ରବୃତ୍ତଭାବେ ପକ୍ଷୀ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ। ସମୟକ୍ରମେ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ହୋଇଥିଲା। ସମସ୍ତେ ଏବେ ପକ୍ଷୀ ସୁରକ୍ଷାରେ ସାମିଲ ହୋଇଛନ୍ତି। ଏଥିଯୋଗୁ ୨୦୦୬-୦୭ରେ ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ବିଜୁ ପଟ୍ଟନାୟକ ପୁରସ୍କାର ମିଳିଛି। ମହାବୀର ପକ୍ଷୀ ସୁରକ୍ଷା ସମିତିର ସଦସ୍ୟ ସୁରକ୍ଷା କମିଟିରେ ରହିଛନ୍ତି। ଆର୍‌ବିଏସ୍ ତରଫରୁ ଗ୍ରୀନ୍ ଯୋଦ୍ଧା ପୁରସ୍କାର-୨୦୧୧ରେ, ହଲ୍ ଅଫ୍ ଫେମ୍ ୱାଇଲ୍ଡ ଲାଇଫ କଞ୍ଜରଭେଶନ-୨୦୧୪, ଆର୍‌ଟୁଲ୍ ଗ୍ରୀନ୍ ଯୋଦ୍ଧା ୱେଷ୍ଟବେଙ୍ଗଲ-୨୦୨୦, ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ୱାଇଲ୍ଡ ଲାଇଫ୍ କଞ୍ଜରଭେଶନ ପୁରସ୍କାର-୨୦୨୧ ମିଳିଛି। ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ୟମରେ ପକ୍ଷୀ ସୁରକ୍ଷା ଆଜି ଲୋକଙ୍କୁ ରୋଜଗାର ଦେଉଛି। ଚିଲିକା ୱାଇଲ୍ଡ ଲାଇଫ ଡିଭିଜନ ତରଫରୁ ପକ୍ଷୀ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। ଚିଲିକା ଡେଭେଲପମେଣ୍ଟ ଅଥୋରିଟି (ସିଡିଏ) ତରଫରୁ ମଧ୍ୟ ବିଭିନ୍ନ ଜନସଚେତନତା କରାଯାଇଥାଏ। ଚିଲିକାର ପରିବେଶ ଓ ପକ୍ଷୀ ସୁରକ୍ଷାରେ ଏହା ନିଆରା ଉଦାହରଣ ପାଲଟିଛି।

**ଗଛ ଓ ପରିବେଶ ପାଇଁ ୨ଘଣ୍ଟା:** ଚିଲିକା କୃଷ୍ଣପ୍ରସାଦ ବ୍ଲକ ଅଧୀନ କମାଳସିଂ ଗ୍ରାମର ଅମିତା ତରେଇ ଜଣେ ଗୃହିଣୀ । ସେ କୁହନ୍ତି, ସ୍କୁଲ ବୟସରୁ ବିଭିନ୍ନ ଚାରାରୋପଣ କରିବା ମୋର ଅଭ୍ୟାସ ଥିଲା। ତେବେ ମୋ ବାପଘର କମାଳସିଂ ଓ ଶାଶୁଘର ଝାରକଟା ଗାଁର ସ୍କୁଲ ପରିସର, ମଠ, ଗ୍ରାମ୍ୟ ପାର୍କ ଓ ରାସ୍ତାକଡ଼ ଆଦି କେତେକ ସ୍ଥାନରେ ବର୍ଷାଦିନେ ନିମ୍ବ, ବେଲ, ଅଁଳା, ହରିଡ଼ା, ବାହାଡ଼ା, ଅର୍ଜୁନ, କଦମ, ବାଦାମ, ଆମ୍ବ, ଲେମ୍ବୁ, ପଣସ, ବଉଳକୋଳି ଆଦି ଗଛ ଲଗାଇଥିଲି। ୨୦୧୯ରେ ଆମ ଅଞ୍ଚଳରେ ବୃକ୍ଷରୋପଣ ଓ ତା'ର ସୁରକ୍ଷା ପାଇଁ ଗଠନ ହୋଇଥିବା ସଙ୍ଗଠନରେ ଯୋଗଦେଇଥିଲି। ଗତ ୫ ବର୍ଷ ଭିତରେ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସଙ୍ଗଠନରେ ମିଶି ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରା ରୋପଣ କରିସାରିଛି। ସବୁଠୁ ବଡ଼ କଥା ହେଲା ଏସବୁ ଗଛ ଚିଲିକା ନାସି ଓ କୁଦ ଜାଗାରେ ଲାଗିଛି। ଏହାର ଯତ୍ନ ପାଇଁ ପ୍ରତିଦିନ ପ୍ରାୟ ୨ଘଣ୍ଟା ସମୟ ଦେଇଥାଏ। ଚିଲିକା ଉପକୂଳ ଗାଁର ପରିବେଶ ଯେମିତି ସବୁଜ ବନାନୀରେ ହସିଉଠିବ,ଏଥିପାଇଁ ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷେ ଚିଲିକା ଅଞ୍ଚଳରେ ଯେଉଁଠି ଯାନିଯାତ୍ରା ପଡ଼ିଥାଏ ସେଠାରୁ ପଲିଥିନ ଏବଂ ଅନ୍ୟାନ୍ୟ ଆବର୍ଜନାକୁ ସଫାକରିବା ସହ ଚିଲିକାର ପରିବେଶ ସୁରକ୍ଷା ପ୍ରତି ଜନସଚେତନତା କରାଇଥାଉ। ମୋ ସହ ଆଉ କେତେଜଣ ମହିଳା ମଧ୍ୟ ଏଥିରେ ସାମିଲ ହୋଇଥାନ୍ତି। ଏହା ଦେଖି ଅନ୍ୟମାନେ ଏପରି କାର୍ଯ୍ୟକରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। କାରଣ ଚିଲିକା ଆମର ମା', ତା'ର ସୁରକ୍ଷା ପାଇଁ ମିଳିମିଶି କିଛି ସୁରକ୍ଷା କାମରେ ସମୟ ବିତାଇପାରୁଛି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନରୁ ଅନେକ ପ୍ରଶଂସା ମିଳୁଛି।

**ଚିଲିକା ହେଉ ପ୍ରଦୂଷଣମୁକ୍ତ:** ସେ ଜଣେ ଇଞ୍ଜିନିୟରିଂ ଛାତ୍ରୀ କିନ୍ତୁ ପରିବେଶ ପ୍ରେମୀ। ଚିଲିକାର ପରିବେଶ ସୁରକ୍ଷା ପାଇଁ ସେ ପ୍ଲାଷ୍ଟିକ ହଟାଅ ଅଭିଯାନ କରିଛନ୍ତି। ଚିଲିକା ସମ୍ପର୍କିତ ବିଭିନ୍ନ ଖବର ସଂଗ୍ରହ କରି ସେ ସଂଗ୍ରହାଳୟ କରିଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ସହ ଟାଇମ୍ସ ପାୱାର ଓମେନ ଆୱାର୍ଡ ଆଦି ପୁରସ୍କାର ମିଳିଛି। ସେ ହେଲେ ସୁନୀତା ବେହେରା। ସେ କୁହନ୍ତି, ଚିଲିକା ଉପକୂଳବର୍ତ୍ତୀ ରତନପୁରରେ ମୋର ଜନ୍ମ । ସ୍କୁଲ ବୟସରୁ ଚିଲିକା ବୁଲିଛି। ଚିଲିକା ଆମକୁ ଦାନାପାଣି ଦେଉଛି, ହେଲେ ତା'ର ସୁରକ୍ଷା ଉଦ୍ଦେଶ୍ୟରେ ବାଳିକାମାନଙ୍କୁ ନେଇ ସୋରଣ,ବରଡ଼ି, ବାଲିଆ,ନିମିନା ଆଦି ଉପକୂଳବର୍ତ୍ତୀ ଗାଁରେ ବିଭିନ୍ନ ବୃକ୍ଷରୋପଣ କରିଥିଲୁ । ଚିଲିକାକୂଳିଆ ଗାଁରେ ନାରୀଶିକ୍ଷା, ବାଳିକାମାନଙ୍କୁ ମାଗଣାରେ ବିଭିନ୍ନ ଆତ୍ମସୁରକ୍ଷା ରଣକୌଶଳ ତାଲିମ ପ୍ରଦାନ କରିଛି। ସରସ୍ୱତୀ ଶିଶୁମନ୍ଦିର, କେତେକ ଶିକ୍ଷାନୁଷ୍ଠାନରେ ଚିଲିକାର ଐତିହ୍ୟ ଓ ତା'ର ସୁରକ୍ଷା ନେଇ କାର୍ଯ୍ୟ କରିଛି। ଶ୍ରୀଚଣ୍ଡିହରଦେବ ଏବଂ ଚିଲିକା କାଙ୍କଣକୁଦକୁ ସ୍ୱତନ୍ତ୍ର ଭାବେ ଏକ ଆଧ୍ୟାତ୍ମିକ ସାଧନାପୀଠର ମାନ୍ୟତା ପାଇଁ ଖୋର୍ଦ୍ଧା ଜିଲାପାଳ, ଚିଲିକା ବିଧାୟକ ଏବଂ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚିଲିକା ଜୈବ ବିବିଧତା ସୁରକ୍ଷା ପାଇଁ ୨୦୧୮ ରୁ ପ୍ଲାଷ୍ଟିକ ହଟାଅ, ଚିଲିକା ବଞ୍ଚାଅ ଅଭିଯାନ ଆରମ୍ଭ କରିଥିଲି। ମୋର ଏକମାତ୍ର ଇଚ୍ଛା ଚିଲିକା କେମିତି ପ୍ରଦୂଷଣମୁକ୍ତ ହେବ।

**ଡଲ୍‌ଫିନ୍ ସୁରକ୍ଷା ଓ ଜିରୋନେଟ୍‌କୁ ବାରଣ:** ଚିଲିକା ହ୍ରଦରେ ବିରଳ ଇରିୱାଡି ଡଲ୍‌ଫିନ୍‌ଙ୍କ ପ୍ରତି ବିପଦ ଦେଖାଦେଉଥିବାରୁ ଏହି ଜଳଚର ସ୍ତନ୍ୟପାୟୀ ପ୍ରାଣୀଙ୍କ ସୁରକ୍ଷା ନେଇ ଜନସଚେତନତାର ଆବଶ୍ୟକତା ରହିଛି। ଚିଲିକା ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟ କରୁଥିବା ସେମିତି ଜଣେ ବ୍ୟକ୍ତି ହେଲେ ପୁରୀ ଜିଲା ସାତପଡ଼ା ପଞ୍ଚାୟତ ଡିଗ୍ରୀ କଲେଜର ଇତିହାସ ବିଭାଗର ଅଧ୍ୟାପକ ପବିତ୍ର ମୋହନ ଦାସ। ବୃତ୍ତି ତାଙ୍କର ଶିକ୍ଷକତା, ମାତ୍ର ନିଶା ଚିଲିକା ପରିବେଶ, ପକ୍ଷୀ ଓ ଡଲ୍‌ଫିନ୍ ସୁରକ୍ଷା। ସେ କୁହନ୍ତି, ଚିଲିକାର ଏକ ଦ୍ୱୀପାଞ୍ଚଳରେ ମୋର ଗାଁ । ପିଲାଟି ଦିନରୁ ଚିଲିକାର ପରିବେଶରେ ବଢ଼ିଛି। କିନ୍ତୁ ଚିଲିକାର ସୁରକ୍ଷା ପାଇଁ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ବିରଳ ଇରିୱାଡି ଡଲ୍‌ଫିନ୍ ସୁରକ୍ଷା ନେଇ ସାତପଡ଼ା, ଚଉବରବାବା,ମିର୍ଜାପୁର, ଗବକୁଣ୍ଡ, ସିପକୁଦ, ଗଙ୍ଗାଧରପୁର, ଆଲୁପାଟଣା ଆଦି ଗାଁର ବୋଟ୍ ଆସୋସିଏସନ ସଦସ୍ୟମାନଙ୍କୁ ଡଲ୍‌ଫିନ୍‌ଙ୍କ ନିରାପଦ ଚଳପ୍ରଚଳ ପାଇଁ ସତର୍କତା ଅବଲମ୍ବନ କରିବା ଆଦି ବିଷୟରେ ସଚେତନତା କରାଇଥାଏ। ୨୦୦୨ରୁ ଚିଲିକାର ଜୈବ ବିବିଧତା ସୁରକ୍ଷା ନେଇ କାର୍ଯ୍ୟ କରିଆସୁଛି। ଚିଲିକା ୱାଇଲ୍ଡ ଲାଇଫ୍ ବିଭାଗର କର୍ମଚାରୀଙ୍କ ସହ ପ୍ରତିବର୍ଷ ଡଲ୍‌ଫିନ୍ ଗଣନା ଓ ପକ୍ଷୀଗଣନା କାର୍ଯ୍ୟରେ ଯୋଗଦେଇଥାଏ। ବିଭିନ୍ନ ସମୟରେ ଆମ ଅଞ୍ଚଳର ବହୁ ସ୍କୁଲ କଲେଜରେ ଚିଲିକା ସୁରକ୍ଷା ସଭାରେ ଯୋଗଦେଇଥାଏ। ଚିଲିକାରେ ଜିରୋନେଟ୍ ବ୍ୟବହାର ନ କରିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରିଥାଏ।

**ଚିଲିକା ପାଇଁ ୯ ବର୍ଷ ବିତିଲାଣି** : ଗୋଟିଏ ପଟେ ତାଙ୍କ ଅଞ୍ଚଳରେ ପାରମ୍ପରିକ ଲୋକକଳା ପୁନରୁଦ୍ଧାର ଚିନ୍ତା, ଅନ୍ୟପଟେ ଚିଲିକା ପରିବେଶ ସୁରକ୍ଷା ଏବଂ ଅଞ୍ଚଳର ଗରିବ ଲୋକଙ୍କ ପାଇଁ ବାତ୍ୟା ନିରୋଧକ ବାସଗୃହ ସହାୟତା ମିଳିବାରେ ପ୍ରୟାସ କରିଥାନ୍ତି। ଏମିତିରେ ନିଜର ପରିବାରକୁ ଅଣଦେଖାକରି ଦିନେ କି ୨ ଦିନ ନୁହେଁ, ପ୍ରାୟ୧୦ବର୍ଷ ହେଲା ଚିଲିକା ଓ ଅଞ୍ଚଳବାସୀଙ୍କ ସୁରକ୍ଷା ପାଇଁ ସର୍ବଦା ଚିନ୍ତା କରିଥାନ୍ତି। ସେ ହେଲେ ସୁବାସ ଚନ୍ଦ୍ର ଜେନା। ସବୁବେଳେ ଗଠନମୂଳକ କାର୍ଯ୍ୟରେ ସାମିଲ ରହୁଥିବାରୁ ଚିଲିକା ଅଞ୍ଚଳର ଦରଦୀବନ୍ଧୁ ଭାବେ ତାଙ୍କୁ ସମସ୍ତେ ଜାଣନ୍ତି । ଏଥିରେ ତାଙ୍କର ଭିନ୍ନ ପରିଚୟ ସୃଷ୍ଟି ହୋଇଥିବାରୁ ବିଭିନ୍ନ ସଂସ୍ଥାରୁ ତାଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର।

ଚିଲିକା ସୁରକ୍ଷା ସମ୍ପର୍କରେ ସେ କୁହନ୍ତି, ଚିଲିକା ପାଣିଘେରରେ ମୋ ଗାଁ। ମୋ ପିଲାଦିନେ ଦେଖିଥିବା ଚିଲିକାର ପ୍ରାକୃତିକ ରୂପ ଏବେ ବଦଳିଯାଇଛି । ବିଭିନ୍ନ କାରଣରୁ ଚିଲିକାର ଜୈବ ବିବିଧତାରେ ବହୁ କ୍ଷତି ଘଟୁଛି। ପରିବେଶ ସନ୍ତୁଳନରେ ଅସମାନତା ପାଇଁ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟସ୍ତ ଯୋଗୁ ଅଞ୍ଚଳବାସୀଙ୍କ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ୨୦୧୪ମସିହାରୁ ଚିଲିକା ଫାଇଲିନ୍ କ୍ଷତିଗ୍ରସ୍ତଙ୍କୁ ବାତ୍ୟା ନିରୋଧକ ଗୃହ ସହାୟତା ପାଇଁ ଦୀର୍ଘ ୯ବର୍ଷ ଧରି ପ୍ରୟାସ ଜାରି ରହିଛି। ଚିଲିକା ଜଳ ପ୍ରଦୂଷଣ ମାତ୍ରା ବଢୁଥିବାରୁ ମାଛମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାର ନିରାକରଣ ପାଇଁ ସାଧାରଣ ଲୋକଙ୍କ ସହଯୋଗରେ ଚିଲିକା ସୁରକ୍ଷା ନିମନ୍ତେ କେବେ ସଭା ତ କେବେ ଐତିହ୍ୟ ସୁରକ୍ଷା ପାଇଁ ଜନଜାଗରଣ ସୃଷ୍ଟିକରିଥାଏ। ଏଥିପାଇଁ ବିଭିନ୍ନ ସମୟରେ ଗାଁ ଗାଁ ବୁଲି ଭିନ୍ନ ଢଙ୍ଗରେ ଜନସଚେତନତା କାର୍ଯ୍ୟ କରିଆସୁଛି।

ଏମାନଙ୍କ ଛଡ଼ା ଚିଲିକାର ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଅନେକ ପରିବେଶବିତ୍ ବି କାର୍ଯ୍ୟ କରୁଛନ୍ତି। ସୌନ୍ଦର୍ଯ୍ୟମୟୀ ଚିଲିକାର ସୌନ୍ଦର୍ଯ୍ୟ ରକ୍ଷା ସହ ଏହାର ପରିବେଶ ସୁରକ୍ଷା ପାଇଁ ସମସ୍ତେ ଆଗଭର ହେବା ଦରକାର।

**-ବନବିହାରୀ ବେହେରା**





# ଅଜବ ନିଲାମ

**ସେଲିବ୍ରିଟିଙ୍କ ପାଇଁ ଲୋକ ଏତେ ପାଗଳ ଯେ, ତାଙ୍କ ସମ୍ବନ୍ଧିତ କିମ୍ବା ସେ ବ୍ୟବହାର କରିଥିବା ଜିନିଷକୁ କିଣିବା ପାଇଁ ସେମାନେ ଯେ କୌଣସି ଦାମ୍ ଦେବା ପାଇଁ ବି ପ୍ରସ୍ତୁତ ହୋଇଯାନ୍ତି...**




ବ୍ରିଟନି ସ୍ପିୟର






ବ୍ରାଡ୍ ପିଟ୍ ଓ ଆଞ୍ଜେଲିନା ଜୋଲି



କୁଇନ୍ ଏଲିଜାବେଥ୍ ଓ ପ୍ରିନ୍ସ ଫିଲିପ୍



ଆବ୍ରାହମ ଲିଙ୍କନ


**କୁଇନ୍ ଏଲିଜାବେଥ୍ ଦ୍ୱିତୀୟଙ୍କ ବିବାହ କେକ୍:** ୧୯୪୭ରେ କୁଇନ୍ ଏଲିଜାବେଥ୍ ଦ୍ୱିତୀୟ ଓ ପ୍ରିନ୍ସ ଫିଲିପ୍ଙ୍କ ବିବାହ ହୋଇଥିଲା । ସେଇ ଖୁସିରେ କଟାଯାଇଥିଲା ଚାରି ଥାକର ୯ ଫୁଟ ଉଚ୍ଚତା ବିଶିଷ୍ଟ ଏକ ସୁନ୍ଦର ଫ୍ରୁଟ୍ କେକ୍ । ଯାହାକୁ କି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାର ସାମଗ୍ରୀ ନେଇ ପ୍ରସ୍ତୁତ କରାଯାଇଥିଲା । ଏହି ରାଜକୀୟ ବିବାହର ୬୫ ବର୍ଷ ପରେ ୨୦୧୨ରେ ପିଏଫସି ନିଲାମରେ ସେହି କେକ୍ର ଏକ ପିସ୍ ୫୬୦ ପାଉଣ୍ଡରେ ନିଲାମ ହୋଇଥିଲା ।

**ଟାଇଟାନିକ ଜାହାଜ ଅବଶେଷରୁ ମିଳିଥିବା ଭାଓଲିନ୍:** ୧୯୧୨ରେ ସମୁଦ୍ରରେ ବୁଡ଼ିଯାଇଥିଲା ବିଶାଳ ଟାଇଟାନିକ ଜାହାଜ । ଯାହାର ଅବଶେଷ ଏବେବି ସମୁଦ୍ର ଗର୍ଭରେ ରହିଛି । କୁହାଯାଏ ଜାହାଜ ସମ୍ପୂର୍ଣ୍ଣ ବୁଡ଼ିବା ପର୍ଯ୍ୟନ୍ତ ୱାଲେସ୍ ହାର୍ଟଲି ନାମକ ଜଣେ ଭାଓଲିନ୍ ବାଦକ ନିଜ ଭାଓଲିନ୍ ବଜାଉଥିଲେ । ଆଉ ଶେଷରେ ସମୁଦ୍ରରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ତାଙ୍କର ସେହି ଭାଓଲିନ୍ଟି ପରବର୍ତ୍ତୀ ସମୟରେ ସମୁଦ୍ର ଗର୍ଭରୁ ଉଦ୍ଧାର ହୋଇଥିଲା । ଆଉ ତାକୁ ୨୦୧୩, ୱିଲ୍ଟଶାୟରରେ ନିଲାମ କରାଯାଇଥିଲା । ମାତ୍ର ୧୦ ମିନିଟ ଭିତରେ ଭାଓଲିନ୍ଟି ୯୦୦,୦୦୦ ପାଉଣ୍ଡରେ ନିଲାମ ହୋଇଥିଲା ।

**ବ୍ରାଡ୍ ପିଟ୍ ଓ ଆଞ୍ଜେଲିନା ଜୋଲିଙ୍କ ଶ୍ୱାସ:** ହଲିଉଡ୍ର ଚର୍ଚ୍ଚିତ ଯୋଡ଼ିଭାବେ ଦିନେ ବ୍ରାଡ୍ ପିଟ୍ ଓ ଆଞ୍ଜେଲିନା ଜୋଲି ବହୁ ଲୋକପ୍ରିୟ ଥିଲେ । ଯଦିଓ ଏହି ଯୋଡ଼ି ଏବେ ଅଲଗା ହୋଇ ଯାଇଛନ୍ତି,ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଦମ୍ପତିଙ୍କ ନିଶ୍ୱାସରେ ଭରା ଏକ ଜାର୍ ୫୨୩ ଡଲାର୍ରେ ନିଲାମ ହୋଇଥିଲା । ତେବେ ସେ ନିଶ୍ୱାସ ସେ ଜାର୍ରେ କିଭଳି ଭାବେ ଭର୍ତ୍ତି କରାଗଲା ତାହା କେବଳ ସେହି ଦମ୍ପତିଙ୍କୁ ହିଁ ଜଣା ।


**ଆବ୍ରାହମ ଲିଙ୍କନଙ୍କ କେଶ:** ଆମେରିକାର ୧୬ତମ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କୁ ୧୮୬୫, ଏପ୍ରିଲ ୧୫ ତାରିଖରେ ହତ୍ୟା କରାଯାଇଥିଲା । ପୋଷ୍ଟମର୍ଟମ୍ ବେଳେ ସର୍ଜନ ଜର୍ନଲ ଯୋଶେଫ ବାର୍ନେସ୍ ତାଙ୍କର ୨ ଇଞ୍ଚର କିଛି କେଶ କାଟି ଥିଲେ । ଯାହାକୁ ଡା ଲିମେନ ବିଚର୍ ଟଡ୍ସ୍ (ଯେକି ଲିଙ୍କନଙ୍କ ପତ୍ନୀଙ୍କ ସମ୍ପର୍କୀୟ ଭାଇ)ଙ୍କୁ ଦିଆଯାଇଥିଲା । ସେ ଲିଙ୍କନଙ୍କର ଖୁବ୍ ନିକଟତର ଥିଲେ । ପରେ ଉକ୍ତ କେଶକୁ ଟେକ୍ସାସ୍ର ଡେଲାସ୍ରେ ୨୫୦୦୦ ଡଲାରରେ ନିଲାମ କରାଯାଇଥିଲା ।

**ଏଲ୍ଭିସ୍ ପ୍ରିସ୍ଲିଙ୍କ କେଶ:** ଆମେରିକୀୟ ସିଙ୍ଗର ଓ ଆକ୍ଟର ଏଲ୍ଭିସ୍ ପ୍ରିସ୍ଲି 'କିଙ୍ଗ୍ ଅଫ୍ ରକ୍ ଆଣ୍ଡ ରୋଲ୍' ଭାବେ ପରିଚିତ ଥିଲେ । ଜାର୍ରେ ଥିବା ତାଙ୍କର କିଛି କେଶ କ୍ରୁସ୍ ଜିଡବ୍ଲ୍ୟୁଏସ୍ ଅକ୍ସନରେ ୭୨,୫୦୦ ଡଲାରରେ ନିଲାମ ହୋଇଥିଲା । ଏହି କେଶକୁ ତାଙ୍କର ବ୍ୟକ୍ତିଗତ କେଶ କଟାଳି ହୋମର୍ ଗିଲେଲାଣ୍ଡ କେଶ କାଟିବାବେଳେ ରଖିଥିଲେ ।



ଏଲଭିସ୍ ପ୍ରିସ୍ଲି

**ବ୍ରିଟନି ସ୍ପିୟରର ଚୋବାଇ ଥିବା ବବଲ୍ ଗମ୍, ପ୍ରେଗନେନ୍ସି କିଟ୍:** ଆମେରିକୀୟ ସିଙ୍ଗର ଓ ସଙ୍ଗ ରାଇଟର୍ ବ୍ରିଟନି ସ୍ପିୟରର ଚୋବାଇ ଥିବା ବବଲ୍ ଗମ୍ ପାଇଁ ବି ତାଙ୍କ ଫ୍ୟାନ୍ ପାଗଳ । ସେଥିପାଇଁ ତ ଏହା ୨୦୦୪ରେ ଏକ ନିଲାମିରେ ୧୪୦୦୦ ଆମେରିକୀୟ ଡଲାରରେ ନିଲାମ ହୋଇଥିଲା । ତେବେ ତାହା ତାଙ୍କର ବବଲ୍ ଗମ୍ ବୋଲି ଦୃଢ ଭାବେ କହି ହେବ ନାହିଁ । ଏହି ଅଧା ଖିଆ ବବଲ୍ ଗମ୍ ତାଙ୍କ ମ୍ୟୁଜିକାଲ କନସର୍ଟରୁ ମିଳିଥିଲା । ଆଉ ସେହି କନସର୍ଟରେ ବ୍ରିଟନି ସ୍ପିୟର ବବଲ୍ ଗମ୍ ଚୋବାଉଥିବା ପବ୍ଲିକ୍ରେ ଦେଖିବାକୁ ମିଳିଥିଲା । ତେଣୁ ମିଳିଥିବା ବବଲ୍ ଗମ୍ ତାଙ୍କର ମନେ କରି ନିଲାମ କରାଯାଇଥିଲା । ସେହିଭଳି ସେ ବ୍ୟବହାର କରିଥିବା ପ୍ରେଗନେନ୍ସି ଟେଷ୍ଟ କିଟ୍ ୨୦୦୫ରେ ୫୦୦୧ ଡଲାରରେ ନିଲାମ ହୋଇଥିଲା । ଏହି କିଟ୍ ବ୍ରିଟନି ସ୍ପିୟର୍ ଓ ତାଙ୍କ ସ୍ୱାମୀ ରହିଥିବା ହୋଟେଲ ରୁମ୍ରୁ ମିଳିଥିଲା ।



ଟାଇଟାନିକ ଜାହାଜରୁ ମିଳିଥିବା ଭାଓଲିନ୍





# ଶିକ୍ଷା ଓ ସାହିତ୍ୟର ବର୍ତ୍ତିକା : ବିଦ୍ୟୁତ୍‌ଲତା

**ଉଭୟ ଶିକ୍ଷା ଓ ସାହିତ୍ୟିକ ସର୍ଜନା କ୍ଷେତ୍ରରେ ତାଙ୍କ ସ୍ୱାକ୍ଷର ଉଜ୍ଜ୍ୱଳ । ଜଣେ ଶିକ୍ଷୟିତ୍ରୀ ହିସାବରେ ସେ ହଜାର ହଜାର କୋମଳମତି ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇଛନ୍ତି ,ପୁଣି କବିତା ରଚନା ଓ ଅନୁବାଦ ମାଧ୍ୟମରେ ସାହିତ୍ୟ କ୍ଷେତ୍ରକୁ କରିଛନ୍ତି ପରିପୁଷ୍ଟ ...**

ସେ ଲେଖାଲେଖିରେ ହେଉ କି ସାଙ୍ଗଠନିକ କାର୍ଯ୍ୟ ଅଥବା ଦପ୍ତର, ସବୁଠି ସବୁକ୍ଷେତ୍ରରେ ସେ ପାରଙ୍ଗମ । ସେଥିରେ ପୁଣି ଏକଦମ ପାରିବାରିକ । ଇଏ ହେଲେ ‘‘ବିଦ୍ୟୁତ୍‌ଲତା ଦାସ’’ । ଦେଖିଦେଲେ ମାଆପଣର ଉଜ୍ଜ୍ୱଳତା ବାରି ହୋଇପଡେ ତାଙ୍କ ଚେହେରାରେ । ବୟସ ତାଙ୍କ ପାଇଁ ସମର୍ଥ୍ୟର ମାପକାଠି ନୁହେଁ , ଏହି କଥା ସ୍ପଷ୍ଟ ବାରିହୋଇ ଦିଶୁଥାଏ ତାଙ୍କ ଆଚରଣ ଓ ଉଚ୍ଚାରଣରେ । ଶିଶୁ ଭଳି ଯେମିତି କୋମଳ ଓ ପରିଚ୍ଛନ୍ନ ତାଙ୍କ ଆପଣାପଣ, ବୟସ୍କଙ୍କ ଭଳି ସେତିକି ଗମ୍ଭୀର ଏବଂ ପରିପକ୍ୱ ତାଙ୍କ ଲେଖା ଓ ଅନୁଶାସନ । ଉଭୟ ଶିକ୍ଷା ଓ ସାହିତ୍ୟିକ ସର୍ଜନା କ୍ଷେତ୍ରରେ ତାଙ୍କ ସ୍ୱାକ୍ଷର ଉଜ୍ଜ୍ୱଳ । ଜଣେ ଶିକ୍ଷୟିତ୍ରୀ ହିସାବରେ ସେ ହଜାର ହଜାର କୋମଳମତି ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣରେ ସହାୟକ ହୋଇଛନ୍ତି ,ପୁଣି କବିତା ରଚନା ଓ ଅନୁବାଦ ମାଧ୍ୟମରେ ସାହିତ୍ୟ କ୍ଷେତ୍ରକୁ କରିଛନ୍ତି ପରିପୁଷ୍ଟ । ଉଭୟ ବିଭା ତାଙ୍କ ବ୍ୟକ୍ତିତ୍ୱ ପାଇଁ ପରସ୍ପରର ପରିପୂରକ ସାବ୍ୟସ୍ତ ହୋଇଛନ୍ତି । ଯାଜପୁର ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ଭାବରେ ସେ ଶିଶୁ କଲ୍ୟାଣ କ୍ଷେତ୍ରରେ କରିଛନ୍ତି ନିଷ୍ଠାପର କାର୍ଯ୍ୟ । ଜୀବନ ପ୍ରତି ଏତେ ସକାରାତ୍ମକ ଦୃଷ୍ଟିକୋଣ କେମିତି ପଚାରିଲେ ହସି ହସି ଉତ୍ତର ଦିଅନ୍ତି – ‘ମଣିଷ ଯେତେବେଳେ ସମ୍ପୂର୍ଣ୍ଣ ନିଃସ୍ୱ ହୋଇଯାଏ ସେତେବେଳେ, କୌଣସି ଅଭିଳାଷ , କାମନା କି ଆକାଂକ୍ଷାର ଉର୍ଦ୍ଧ୍ୱକୁ ଯାଇ ସେ ଶାନ୍ତ ଓ ସ୍ଥିର ହୋଇଯାଏ । ସଂଘର୍ଷ ଓ ଯନ୍ତ୍ରଣା ସହ ରହି ରହି ଉପଲବ୍ଧି ହୋଇଛି ଯେ, ତାକୁ ହିଁ ଈଶ୍ୱର ବେଶି ଦୁଃଖରେ ଘାଣ୍ଟି ଚାଲିଥାନ୍ତି, ଯାହାକୁ ସେ ଭଲପାଉଥାନ୍ତି । ତେଣୁ ସୁଅ ମୁହଁରେ ପତର ପ୍ରାୟେ ମୁଁ କେବଳ ଜୀବନର ସୁଅରେ ଭାସିଚାଲିଛି । ବୁଝିସାରିଛି ଅବାଞ୍ଛିତ ଅଭିଳାଷ ଭିତରେ ଛନ୍ଦିହୋଇ ଦୁଃଖକୁ ସାଉଁଟିବା ଅପେକ୍ଷା ସାମ୍ନାକୁ ଆସୁଥିବା ସବୁ ଛୋଟ ବଡ଼ ଦାୟିତ୍ୱକୁ ଖୁସି ଖୁସି ନିର୍ବାହ କରିବା ହେଉଛି ମୋ ଜୀବନ ।





ବିଦ୍ୟୁତ୍‌ଲତାଙ୍କର ସାହିତ୍ୟ ଅନୁରାଗ ଅତ୍ୟନ୍ତ ଗଭୀର । ‘ମାଟିର ମମତା’,‘ଅଞ୍ଜଳି’,‘ଶୂନ୍ୟ ହାତ’,‘ଡାଆଣୀ ଆଲୁଅ’, ‘ମିଛ ମୋହ’,‘ତୋତେ ଯାହା ମନା’,‘ମେଘର ପାଉଁଜି’, ‘ପକ୍ଷୀ ମୋହ’ ଓ ‘କେହି ଜଣେ ଭଳି’ ଲୋକପ୍ରିୟ ପୁସ୍ତକ ରଚନା କରିବା ସହ ସେ କଲ୍ଲୋଳିନୀ ପ୍ରଥମ ଓ ଦ୍ୱିତୀୟ ଭାଗ ନାମରେ ବଙ୍ଗଳା କବିତାର ଓଡ଼ିଆ ଅନୁବାଦ କରିଛନ୍ତି । ପୁଣି ରବୀନ୍ଦ୍ରନାଥଙ୍କ ‘ରାଜର୍ଷି’ , ରଞ୍ଜନ ବନ୍ଦୋପାଧ୍ୟାୟଙ୍କ ‘କାଦମ୍ବରୀ ଦେବୀର ଶେଷ ଚିଠି’, ‘ମୃଣାଳିନୀର ଆତ୍ମକଥା’ , ‘ମିର୍ଜା ଏଲିୟାଦଙ୍କ (ମିର୍ଜା ଏଲିୟାଡ୍)ଗୋଟିଏ ରାତିର କାହାଣୀ’ ଓ ତାରାଶଙ୍କର ‘ନା’ ଉପନ୍ୟାସର ଅନୁବାଦ କରି ବଙ୍ଗଳା ଓ ଓଡ଼ିଆ ସାହିତ୍ୟ ଭିତରେ ସମ୍ପର୍କର ସେତୁ ବାନ୍ଧିବାକୁ ସକ୍ଷମ ହୋଇପାରିଛନ୍ତି । ତାଙ୍କ କବିତାଗୁଡ଼ିକରେ ଚୁମ୍ବକୀୟ ଆକର୍ଷଣ ଯେତିକି କଥା ଓ ଅନୁବାଦରେ ସେ ମୌଳିକ, ସାବଲୀଳ ଏବଂ ଜୀବନ୍ତ ସେତିକି ।

ଏହି ମହୀୟସୀ ମହିଳା ୧୯୫୨ ମସିହା ଅକ୍ଟୋବର ୧୦ରେ ସ୍ୱାଧୀନତା ସଂଗ୍ରାମୀ ରଙ୍ଗାଧର ଦାସ ଓ ବୈଦେହୀ ଦାସଙ୍କ କନ୍ୟା ରୂପେ ଭୂମିଷ୍ଠ ହୋଇଥିଲେ । ନିଜର ଅଧ୍ୟୟନ ନିଷ୍ଠା ହେତୁ ସେ ଓଡ଼ିଆରେ ସ୍ନାତକୋତ୍ତର ସହ ବି.ଏଡ୍. ଡିଗ୍ରୀ ଲାଭକରି ରାମବାଗ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତାର ଜୀବନ ଆରମ୍ଭ କରିଥିଲେ । ଦଶରଥପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ସେବା ନିବୃତ୍ତ ହୋଇଥିବା ବିଦ୍ୟୁତ୍‌ଲତା ଅନ୍ୟାନ୍ୟ ସମାଜ ଓ ସାହିତ୍ୟ କାର୍ଯ୍ୟରେ ଏଯାବତ ସକ୍ରିୟ ଅଛନ୍ତି। ତାଙ୍କର ସାହିତ୍ୟିକ ଓ ସାମାଜିକ କାର୍ଯ୍ୟ ପାଇଁ ସେ ଯାଜପୁର ଜିଲା ଲେଖକ ସମ୍ମେଳନ ,କୋରେଇ ମଣ୍ଡଳ ସାହିତ୍ୟ ସଂସଦ , ବିବର୍ତ୍ତନ ସାହିତ୍ୟ ସଂସଦ, ଯୁଗାନ୍ତର ସାହିତ୍ୟ ସଂସଦ , ଶିଳାଲିପି ସାହିତ୍ୟ ସଂସଦ , ଧର୍ମଶାଳା ସାହିତ୍ୟ ସମାଜ , ରାଜ୍ୟ ଲେଖିକା ସଂସଦ , ଯାଜପୁର ଶାଖା , ସୁକିନ୍ଦା ସାହିତ୍ୟ ସମାଜ, ରାଧାନାଥ ପାଠାଗାର ,ସୋରୋ, ଯାଜପୁର ଜିଲା ଲେଖିକା ସଂସଦ , ଟିକି ଟିକି ତାରାଫୁଲ ପ୍ରତିଭା ସମ୍ମାନ ,ଚିରନ୍ତନୀ ସମ୍ମାନ, ସୂର୍ଯ୍ୟାସ୍ତ ପ୍ରତିଭା ସମ୍ମାନ , ସାରସ୍ୱତ ସାରାଂଶ ପ୍ରତିଭା ସମ୍ମାନ , ବାଣୀପୀଠ ସମ୍ମାନ ଭଳି ଅସଂଖ୍ୟ ପୁରସ୍କାର ଓ ସମ୍ମାନର ଅଧିକାରିଣୀ ହୋଇଛନ୍ତି । ନିଜ ବୃତ୍ତି ଓ ପ୍ରବୃତ୍ତି ଭିତରେ ସମନ୍ୱୟ ରଖିପାରୁଥିବା ବିଦ୍ୟୁତ୍‌ଲତା ଅନ୍ୟମାନଙ୍କ ପାଇଁ ନିଶ୍ଚିନ୍ତଭାବରେ ଉଦାହରଣ ।





**–ମାନମୟୀ ରଥ**
ସେଣ୍ଟ ଜାଭିୟର୍ସ କିଡ୍ସ,
ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯



# ସ୍ନେହ ବନ୍ଧନ

-ସୁପ୍ତି କର

ଜୀବନ କେବେ ସୁଖର ଛାଇ ଦିଏ ତ କେବେ ଦୁଃଖର ଗରମ ଡିଆଁ। ତଥାପି ବଞ୍ଚିବାକୁ ହୁଏ ଜୀବନକୁ ଆପଣାର କହି। ଗାଧୁଆ ଘରେ ପଡ଼ି ଶାଶୁଙ୍କର ଫୁଲି ଯାଇଥିବା ଆଣ୍ଠୁରେ ବରଫ ଖଣ୍ଡ ଘଷୁ ଘଷୁ ସୁନିତା ଭାବୁଥିଲା ଏତେ କଡ଼ା ମିଜାଜର ମଣିଷଟି ଯନ୍ତ୍ରଣା ଆଗରେ କେତେ ବିବଶ ସତେ। ତାଙ୍କର ଯନ୍ତ୍ରଣା ଦେଖି ସୁନିତାର ଛାତି ଭିତରଟା ବି ବିକଳ ହୋଇ ଉଠୁଥିଲା। ଶ୍ୱଶୁର ବଞ୍ଚିଥିଲାବେଳେ ଖୁବ ସୁନ୍ଦର ଦୁହେଁ ଦୁହିଁଙ୍କ ସହ ସମୟ କଟାଉଥିଲେ। ଯଦିଓ ଶାଶୁ ଟିକେ ଟିକେ କଥାରେ ରାଗ, ରୁଷା, ଅଭିମାନ କରୁଥିଲେ ହେଲେ ଶ୍ୱଶୁର ସେସବୁକୁ ଖୁବ ସୁନ୍ଦର ଭାବେ ଚଳେଇ ଦେଉଥିଲେ। କି ମନ୍ତ୍ର ଫୁଙ୍କୁ ଥିଲେ କେଜାଣି ଦୁଇ ମିନିଟ୍‌ରେ ଶାଶୁ ଫିକ କରି ହସି ସବୁ ଭୁଲି ଯାଉଥିଲେ। ସୁନିତାର କିଛି ଦୋଷ ଥିଲେ ବି ଧରୁ ନଥିଲେ। ଏହା ଭିତରେ ଶ୍ୱଶୁର ଯିବାର ଛ'ମାସ ହେଲାଣି। ହେଲେ ତାଙ୍କର ମୃତ୍ୟୁରେ ସୃଷ୍ଟି ହୋଇଥିବା ଖାଲିପଣଟା ଶାଶୁଙ୍କୁ ଆହୁରି ଚିଡ଼ଚିଡା କରିଦେଇଛି। ଅନ୍ୟମନସ୍କତା ବି ବଢ଼ି ଯାଇଛି ତାଙ୍କର। ସେଦିନ ଗ୍ୟାସ ଜଳାଇ ଚୁପଚାପ ଚୁଲି ପାଖରେ ଠିଆ ହୋଇଥିଲେ। ସୁନିତା ଦେଖିପାରି ରେଗୁଲେଟର ଅଫ୍ କରି ଦେଇଥିଲା। କେବେ କେବେ ଅଧାଖିଆରେ ଅଟକି ଯାଇ ମୁଣ୍ଡରେ ହାତଦେଇ ବସିଥାନ୍ତି ଭାତ ଥାଳିପାଖରେ। ଏମିତି ଦେଖି ସୁନିତାକୁ ଖୁବ୍ ଖରାପ ଲାଗେ ହେଲେ ସେ ନାଚାର। ଜୀବନସାଥୀର ଶୂନ୍ୟସ୍ଥାନ ପୂରଣ କରିବା କ'ଣ ଏତେ ସହଜ। ଅମାବାସ୍ୟା ତିଥିରେ ଜହ୍ନର ଜ୍ୟୋସ୍ନା ଖୋଜିବା ଯାହା ପରିଣତ ବୟସରେ ସାଥୀହୀନ ଏକାକୀ ଜୀବନରେ ମଧୁରତା ଖୋଜିବା ତାହା। ଶାଶୁ, ଶ୍ୱଶୁରଙ୍କ ମନ ଜାଣି ସବୁ ଯୋଗାଡ଼ି ଦିଅନ୍ତି। ମୁହଁରୁ ବାହାରିବା ଆଗରୁ ସବୁ ସଜିଲ ଥାଏ ଶ୍ୱଶୁରଙ୍କ ଆଗରେ। ଦୁଇପ୍ରାଣ ହେଲେ ଏକମନ। ସେମାନଙ୍କଠାରୁ ପ୍ରେରଣା ନେଇ ସୁନିତା ଓ ସୁବ୍ରତଙ୍କ ଦାମ୍ପତ୍ୟରେ କେବେ କେମିତି ଛୋଟମୋଟ ଝଡ଼ ଉଠିଲେ ବି ଦୁହେଁ ସମ୍ଭାଳି ନିଅନ୍ତି ନିଜକୁ। ଏମିତି ଅନ୍ୟମନସ୍କ ହୋଇ କିମ୍ବା ଅସାବଧାନତା ହେତୁ ଶାଶୁ ସେଦିନ ପଡ଼ିଗଲେ ଗାଧୁଆଘରେ। ଭାଗ୍ୟ ଭଲ ହାଡ଼ ଭାଙ୍ଗିନି ତଥାପି ଡାକ୍ତର କହିଛନ୍ତି ଗୋଡ଼କୁ ବିଶ୍ରାମ ଦେବାକୁ। ରାତିରେ ଦରଜ କମିବା ଔଷଧ ଲଗାଇ, ପେନ୍‌କିଲର୍ ଟାବ୍‌ଲେଟ୍ ଖଣ୍ଡେ ତାଙ୍କୁ ଖାଇବାକୁ ଦେଇ ସୁନିତା ଶୋଇବାକୁ ଗଲା। ହେଲେ ଏ କ'ଣ ଶାଶୁଙ୍କ ବାଡ଼ି ଠକ୍ ଠକ୍‌ରେ ସୁନିତାର ନିଦ ଭାଙ୍ଗିଗଲା। ବଡ଼ି ଭୋରରୁ ଉଠି ବସି ଆଶା ବାଡ଼ି ଖଣ୍ଡକ ଧରି ଦାଣ୍ଡ ମୁହଁକୁ ଯିବାକୁ ଉଦ୍ୟତ। କଥା କ'ଣ ? ସୁନିତା ଆଶ୍ଚର୍ଯ୍ୟ। ଶାଶୁଙ୍କ ଏକାଜିଦ୍ ଘର ପାଖ ମନ୍ଦିରର ପୂଜାରୀଙ୍କୁ ଡାକ। ଛଞ୍ଚା ନେଇଯିବେ। ସୁନିତା ପଚାରିଲା- ମା' ଆଜି ତ ଏକାଦଶୀ କି ସଂକ୍ରାନ୍ତି ସେମିତି କିଛି ବିଶେଷ ଦିନ ନୁହେଁ। ଶାଶୁ କହିଲେ-ସ୍ୱପ୍ନ ଦେଖିଲି। ତୋ ବାପା ଆସି ବସିଥିଲେ। ମୋ ଗୋଡ଼ ସାଉଁଳି ଦେଲେ। ଚା' ଟିକେ ମାଗୁଥିଲେ। ସୁନିତା ଗାଧୋଇ ପାଧୋଇ ପୂଜାରୀଙ୍କ ପାଇଁ ଛଞ୍ଚା ଓ ଚା, ଜଳଖିଆର ବ୍ୟବସ୍ଥା କରୁ କରୁ ଭାବୁଥିଲା ଗତ ଛ'ମାସରେ ଏମିତି ହେବା ତୃତୀୟ ଥର। ଏହା ପୂର୍ବରୁ ଶାଶୁ ଦୁଇଥର ଜ୍ୱରରେ ପଡ଼ିଥିଲାବେଳେ ବି ସେମିତି ଭୋରରୁ ଶ୍ୱଶୁର ସ୍ୱପ୍ନରେ ଆସିଥିଲେ କହି ପୂଜାରୀଙ୍କୁ ଡାକି ଛଞ୍ଚା ଦେଇଥିଲେ। ପୂଜାରୀ ଚା' ପିଉ ପିଉ କହୁଥିଲେ- ହଁ ରେ ମା'! ଏ ସ୍ନେହ ବନ୍ଧନ ଖୁବ୍ ଅଜବ। ଶରୀର ନଥିଲେ ବି ଆତ୍ମାର ବନ୍ଧନ ତ ଅଛି। କିଏ କୁହେ ମନସ୍ତାତ୍ତ୍ୱିକ, କିଏ କୁହେ ଅତି ଭୌତିକ। ହେଲେ ମୋ ମତରେ ସତ ଏଇଆ ଯେ ଜୀବନ ଥିବା ପର୍ଯ୍ୟନ୍ତ ମୋହ ଅଛି, ସ୍ନେହ ଅଛି ଆଉ ଜୀବନ ଯିବା ପରେ ବି ..... ସ୍ନେହ ବନ୍ଧନ ଅତୁଟ ପରା।

*-ଜେ. ଏନ୍ ଲେନ, ଡେଲି ମାର୍କେଟ*
*ରାଉରକେଲା-୭୬୯୦୦୧*
*ମୋ: ୯୪୩୮୩୯୩୮୩୮*

# ଶ୍ୱେତ କହ୍ଲାର

-ରଞ୍ଜନ କୁମାର ମହାନ୍ତି

ସାଗର ତ ଉପଜୀବ୍ୟ
ବହି ବହି ସରିଯିବୁ ସିନା,
ସହି ସହି ହଜିଯିବୁ ସିନା,
ଏଠି ତ ଶୋଷର ଅନେକ ସ୍ଥାପତ୍ୟ
ମେଣ୍ଟାଇ ପାରିଲେ ପୂଣ୍ୟବତୀ
ଭୋକର ଅନେକ ଭୂଗୋଳ
ଭିଜେଇ ପାରିଲେ ଭାଗ୍ୟବତୀ,
ଯୁଗେ ଯୁଗେ ସେଇ ସୀମାରେଖା,
ଡେଇଁ ନ ପାରିଲେ ଅସ୍ତିତ୍ୱର ଆତ୍ମାହୂତି,
ଡେଇଁଗଲେ ପୂନର୍ଜନ୍ମର ସ୍ୱୀକୃତି


ତୁ ନୁହେଁ ବଣ୍ଟାଛିଡା ଅବଶେଷଟିଏ,
ବାଣ୍ଟି ବାଣ୍ଟି ଥକିଯିବା ଥୟ
ଅସ୍ଥି, ମେଦ, ଶୋଣିତ ସବୁର
'ନାରୀ' ତୋର ସେଇ ଗୋଟେ ପରିଚୟ
ବାରମାସୀ ଋତୁ ଟିଏ
ପରିଚିତ ତିଥି ଟିଏ
ଇତିହାସ ମଲାଟ ଭିତରେ
ତୁ ଗୋଟେ ଅପଢା ଅଧ୍ୟାୟ

ତୁଟିବୁନି ମୂର୍ତ୍ତି ହେଇ ପୂଜା ପାଇବାକୁ,
ଚିରକାଳ ରହିବୁ ଅତୁଟ
ସମ୍ପର୍କରୁ ଧୋଉ ଥିବୁ ମଳି
କେବେ ପୁଣି ଦେଖେଇବୁ ବାଟ
ଧୋଇବୁନି ଭାଗ୍ୟରେଖା କେବେ
ପାରିବୁ ତ ଧୋଇ ଦେ ସମୟ
ଫୁଟିବାକୁ ଲୋଡ଼ିବୁନି ଉଷା
ତୁ ତ ଶ୍ୱେତ କହ୍ଲାର
ତୋ ଗର୍ଭରେ ନୂତନ ଉଦୟ।

*-ଜାମଶୁଳୀ, ବାଲେଶ୍ୱର*
*ମୋ : ୮୬୫୮୫୭୪୯୪୫*



# ବାଜି ମାରିବ କିଏ








ସୂଚନାନୁଯାୟୀ, ବଲିଉଡ୍‌ର ମାଚୋ ମ୍ୟାନ୍ ସନି ଦେଓଲଙ୍କ ଅଭିନୀତ 'ଗଦର–୨' ଓ ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କ ଅଭିନୀତ 'ଓଏମ୍‌ଜି–୨' (ଓଃ ମାଇ ଗଡ୍–୨) ଆସନ୍ତା ଅଗଷ୍ଟ ମାସ ୧୧ ତାରିଖରେ ରିଲିଜ୍ ହେବାର ଯୋଜନା ରହିଛି। ଏହି ଦୁଇଟି ଫିଲ୍ମକୁ ନେଇ ଦର୍ଶକଙ୍କ ମନରେ ବେଶ୍ ଉତ୍କଣ୍ଠା ଭରି ରହିଛି। କାରଣ ୨୦୦୧ରେ ସନି ଦେଓଲ ଓ ଅମିଷା ପଟେଲଙ୍କ 'ଗଦର: ଏକ ପ୍ରେମ କଥା' ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଉଭୟଙ୍କ ଯୋଡ଼ିଙ୍କୁ ଦର୍ଶକ ଖୁବ୍ ପ୍ରଶଂସା କରିଥିଲେ। ଏବେ ୨୨ ବର୍ଷ ପରେ ପୁଣିଥରେ ଏହି ଯୋଡିକୁ ଦର୍ଶକ 'ଗଦର–୨'ରେ ଦେଖିବାକୁ ପାଇବେ। ସେହିପରି 'ଓଏମ୍‌ଜି–୨' ହେଉଛି ୨୦୧୨ରେ ରିଲିଜ୍ ହୋଇଥିବା 'ଓଏମ୍‌ଜି' (ଓଃ ମାଇ ଗଡ୍)ଫିଲ୍ମର ସିକୁଏଲ୍। ଏଥିରେ ଅକ୍ଷୟ କୁମାରଙ୍କୁ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ। ତେବେ ଗୋଟିଏ ଦିନରେ ଏହି ଦୁଇଟି ଫିଲ୍ମ ରିଲିଜ୍ ହେଉଥିବାରୁ ଦର୍ଶକଙ୍କ ମନକୁ କିଏ ବେଶୀ ଛୁଇଁପାରିବ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

# ଏମରଜେନ୍ସି ପାଇଁ ବନ୍ଧା ପକାଇଲେ ପ୍ରପର୍ଟି


ଏମରଜେନ୍ସି ଫିଲ୍ମରେ କଙ୍ଗନା

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କ ଅଭିନୀତ ତଥା ପ୍ରଯୋଜିତ 'ଏମରଜେନ୍ସି' ଫିଲ୍ମର ଟିଜର୍ ରିଲିଜ୍ ହେବା ପରେ ଦର୍ଶକ ଏଥିରେ କଙ୍ଗନାଙ୍କ ଲୁକ୍, ଭଏସ୍ ଆଉ ଡାଇଲଗ୍ କହିବାର ଶୈଳୀକୁ ଖୁବ୍ ପସନ୍ଦ କରୁଛନ୍ତି। ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନକାଳରେ ଜାରି ହୋଇଥିବା ଏମରଜେନ୍ସିକୁ ନେଇ ଏହି କାହାଣୀ ଗତିଶୀଳ। ତେବେ ଏହି ଫିଲ୍ମ ଶୁଟିଂ ସମୟର କଥାକୁ ଶେୟାର କରି କଙ୍ଗନା କହିଛନ୍ତି, ଆଜି ଜଣେ ଅଭିନେତ୍ରୀ ଭାବରେ ମୁଁ ଏମରଜେନ୍ସିର ଶୁଟିଂ ସାରିଦେଇଛି, ଯାହାକି ମୋ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇ ରହିବ। ସମସ୍ତେ ଭାବୁଥିବେ ଯେ, ମୁଁ ଖୁବ୍ ଆରାମରେ ଏହି ଫିଲ୍ମର ଶୁଟିଂ ସାରିଦେଲି। କିନ୍ତୁ ସତ କଥା ଆଉ କିଛି କୁହେ। କାହିଁକି ନା ଏଥିପାଇଁ ମୁଁ ମୋର ସମ୍ପତି ବନ୍ଧା ପକାଇବା ସହିତ ଡେଙ୍ଗୁ ସହ ବି ଲଢ଼ିଛି।

# ପ୍ରଯୋଜିକା ହେଲେ କିର୍ତ୍ତି

ଅଭିନେତ୍ରୀ କିର୍ତ୍ତି ସାନନ୍ ନୂଆ ଦୁନିଆଁରେ ପାଦ ଦେଇଛନ୍ତି। କେହି ହୁଏତ ଭାବିପାରନ୍ତି ଯେ ସେ ହାତକୁ ଦୁଇହାତ ହେଉଛନ୍ତି। କିନ୍ତୁ ତାହା ସତ ନୁହେଁ। ପ୍ରକୃତ କଥା ହେଲା– ବର୍ତ୍ତମାନ ସେ ଚଳଚ୍ଚିତ୍ର ପ୍ରଯୋଜନା କରୁଛନ୍ତି। ତାଙ୍କର ନୂଆ ବ୍ୟାନରର ନାମ ହେଲା–'ବ୍ଲୁ ବଟରଫ୍ଲାଏ ଫିଲ୍ମ'। ଆଉ ତାଙ୍କ ପ୍ରଯୋଜିତ ପ୍ରଥମ ହିନ୍ଦୀ ସିନେମାର ଟାଇଟଲ ରହିଛି 'ଦୋ ପତ୍ତି'। ଏଥିରେ ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ କାଜଲ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି। ସେପଟେ ନିଜର ପ୍ରଥମ ସିନେମାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କିର୍ତ୍ତି। ଫିଲ୍ମଟି ନେଟଫ୍ଲିକ୍ସରେ ରିଲିଜ୍ ହେବାର ଯୋଜନା ରହିଛି। ଏ ନେଇ କିର୍ତ୍ତି କୁହନ୍ତି –ଏହି ସିନେମା ନିର୍ମାଣ କଲାବେଳେ ଏହାର କାହାଣୀ ,କଳାକାର ଚୟନ,ସଂଳାପ,ସଂଗୀତ ଏବଂ ଉପସ୍ଥାପନାକୁ ଗୁରୁତ୍ୱ ଦେଇଛି। ଆଶା ରଖିଛି ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କୁ ପସନ୍ଦ ଆସିବ।


ଶାହରୁଖ – ଗୌରୀ

# ଶାହରୁଖଙ୍କ ନାଁ ଅଭିନବ ରଖିଥିଲେ ଗୌରୀ

ବଲିଉଡ୍‌ର ରିୟଲ୍ କପଲ୍‌ଙ୍କ ମଧ୍ୟରେ ଯଦି କାହାର ଯୋଡ଼ି ଫ୍ୟାନ୍ସଙ୍କର ସବୁଠୁ ପ୍ରିୟ ସେ ହେଲେ ଶାହରୁଖ ଖାଁ ଓ ଗୌରୀ ଖାଁ। ଗତ ୩୦ ବର୍ଷ ମଧ୍ୟରେ ବହୁତ ଭଲ ଦିନ ଆଉ ଖରାପ ଦିନ ବି ଦେଖିଛନ୍ତି ସେମାନେ, ହେଲେ କେବେ କେହି କାହାର ହାତ ଛାଡ଼ି ନାହାନ୍ତି। ତେବେ ସବୁଠୁ ବିଶ୍ୱସ୍ତ କପଲ୍ ଭାବରେ ଜଣାଶୁଣା ଏହି କପଲ୍‌ଙ୍କର ବାହାଘରକୁ ନେଇ ଥିଲା ଅନେକ ସମସ୍ୟା। ଦିନେ ଏମିତି ବି ଥିଲା, ଯେତେବେଳେ ଗୌରୀ ନିଜ ପରିବାରକୁ ମନେଇବାକୁ ଯାଇ ଶାହରୁଖଙ୍କ ନାମ ବଦଳାଇ ଦେଇଥିଲେ ; ଯାହା ନିଜେ ଗୌରୀ ୨୦୦୮ରେ ଡିଜାଇନର୍ ଆବୁ ଜାନି ଓ ସନ୍ଦୀପ୍ ଘୋଷଲାଙ୍କ ଶୋ 'ଫାଷ୍ଟ ଲେଡିଜ୍'ରେ କହିଥିଲେ। ସେ କହିଥିଲେ ଯେ, 'ଆମେ କୌଣସି ପ୍ରକାରେ ବିବାହ କରିବାକୁ ଚାହୁଁଥିଲୁ। କିନ୍ତୁ ମୁଁ ଜାଣିଥିଲି, ମୋ ଘରଲୋକେ ଇଣ୍ଟର କାଷ୍ଟ ମ୍ୟାରେଜକୁ ଆଦୌ ସ୍ୱୀକୃତି ଦେବେ ନାହିଁ। ତେଣୁ ମୁଁ ଶାହରୁଖଙ୍କୁ ହିନ୍ଦୁ ବୋଲି ଜଣାଇବା ପାଇଁ ତାଙ୍କ ନାମ 'ଅଭିନବ' ବୋଲି ଘରେ କହିଥିଲି।' ବାହାଘରବେଳେ ଗୌରୀଙ୍କୁ ୨୧ ଓ ଶାହରୁଖଙ୍କୁ ୨୬ ବର୍ଷ ବୟସ ହୋଇଥିଲା।

# ସୁଶାନ୍ତଙ୍କ ପାଇଁ..


ଅଙ୍କିତା

ସୁଶାନ୍ତ ସିଂହ ରାଜପୁତ ଓ ଅଙ୍କିତା ଲୋଖଣ୍ଡେ ଦିନେ ଥିଲେ ଇଣ୍ଡିଆନ ଟେଲିଭିଜନ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ କପଲ୍। ପବିତ୍ର ରିସ୍ତା ଶୁଟିଂ ସେଟ୍‌ରୁ ତାଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ଦର୍ଶକ ବି ଚାହୁଁଥିଲେ ତାଙ୍କ ପ୍ରିୟ ଅନ୍ ସ୍କ୍ରିନ୍ କପଲ୍ ସତସତିକା କପଲ୍ ପାଲଟି ଯାଆନ୍ତୁ । ହେଲେ ୨୦୧୬ରେ ଏହି ସମ୍ପର୍କରେ ଫାଟ ଆସିଥିଲା, ଯାହାକି ଫ୍ୟାନ୍‌ଙ୍କୁ ଏକ ଶକ୍ତ ଧକ୍କା ଦେଇଥିଲା। କିଏ ସୁଶାନ୍ତଙ୍କୁ ତ କିଏ ଅଙ୍କିତାଙ୍କୁ ଏହି ସମ୍ପର୍କ ଭାଙ୍ଗିବା ପଛର କାରଣ ବୋଲି କହିଥିଲେ। ତେବେ ନିକଟରେ ଅଙ୍କିତା ଏକ ଇଣ୍ଟରଭ୍ୟୁରେ କହିଛନ୍ତି, 'ମୁଁ ସୁଶାନ୍ତଙ୍କୁ ବାହାହେବା ପାଇଁ ବହୁତ ଏକ୍ସାଇଟେଡ୍ ଥିଲି। ସେଥିପାଇଁ ସଞ୍ଜୟ ଲୀଲା ଭଂସାଲୀଙ୍କ ପରି ବଡ଼ ନିର୍ଦ୍ଦେଶକଙ୍କ ବାଜିରାଓ ମସ୍ତାନୀ, ରାମଲୀଲା ଚଳଚ୍ଚିତ୍ରର ଅଫର ପାଇବା ପରେ ବି ମୁଁ କାମ କରିବାକୁ ମନା କରିଦେଇଥିଲି। ସେତେବେଳେ ସଞ୍ଜୟ ସାର୍ ବାଜିରାଓ ପାଇଁ ଫୋନ୍ କରି କହିଥିଲେ, କର୍‌ଲେ ୱରନା ପଚତାୟେଗି। ହେଲେ ମୁଁ କହିଥିଲି, ''ନେହିଁ ସାର୍, ମୁଝେ ଶାଦି କର୍‌ନି ହୈ। କେବଳ ସେତିକି ନୁହେଁ , ଶାହରୁଖଙ୍କ ବିପକ୍ଷରେ ହାପି ନ୍ୟୁ ଇୟର ଚଳଚ୍ଚିତ୍ରରେ ଡେବ୍ୟୁ କରିବାର ଅଫର ଓ ସଲମାନଙ୍କ ସୁଲତାନ୍ ଚଳଚ୍ଚିତ୍ରକୁ ବି ମନା କରିଦେଇଥିଲି। ମୁଁ ସୁଶାନ୍ତଙ୍କ ସଫଳତା ପଛର କାରଣ ହେବାକୁ ଚାହୁଁଥିଲି। କିନ୍ତୁ ସୁଶାନ୍ତ ପରେ ଯେବେ ନିଜ କ୍ୟାରିୟରକୁ ଗୁରୁତ୍ୱ ଦେଇ ମତେ ଛାଡ଼ି ଦେଇଥିଲେ ମତେ ଶକ୍ତ ଧକ୍କା ଲାଗିଥିଲା। କିନ୍ତୁ ଲୋକେ ମତେ ଦୋଷ ଦେଇଥିଲେ ଯେ ମୁଁ ସୁଶାନ୍ତଙ୍କୁ ଛାଡ଼ିଥିଲି।'' ସୁଶାନ୍ତ ପରେ ରିୟା ଚକ୍ରବର୍ତ୍ତୀଙ୍କ ସହ ପ୍ରେମ ସମ୍ପର୍କରେ ଆସିଥିଲେ। ଆଉ ୨୦୨୦ରେ ସେ ନିଜ ଘରେ ଆତ୍ମହତ୍ୟା କରିଥିଲେ। ପରେ ଅଙ୍କିତା ମଣିକର୍ଣ୍ଣିକା ଚଳଚ୍ଚିତ୍ରରୁ ଡେବ୍ୟୁ କରିଥିଲେ।

# ବିଗ୍ ବଜେଟ ଫିଲ୍ମରେ ଦୀପିକା

ନିଜ ଆକ୍ଟିଂ କ୍ୟାରିୟରରେ ଅନେକ ହିଟ୍ ଫିଲ୍ମ ଦେଇଥିବା ଦୀପିକା ପାଦୁକୋନ୍ ନିଜର ଆଗାମୀ ଫିଲ୍ମ 'ପ୍ରୋଜେକ୍ଟ କେ'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। 'ପ୍ରୋଜେକ୍ଟ କେ' ହେଉଛି ଏକ ସାଇନ୍ସ ଫିକ୍‌ସନ୍ ଭିତ୍ତିକ ଆକ୍ସନ ଫିଲ୍ମ, ଯାହାର ନିର୍ଦ୍ଦେଶକ ହେଉଛନ୍ତି ନାଗ୍ ଅଶ୍ୱିନୀ। ବୈଜୟନ୍ତୀ ମୁଭିଜ୍ ଦ୍ୱାରା ନିର୍ମିତ ହେଉଥିବା ଏହି ଫିଲ୍ମର ମୁଖ୍ୟ ଭୂମିକାରେ ବିଗ୍ ବି ଅମିତାଭ ବଚ୍ଚନ, ସାଉଥ୍ ସୁପରଷ୍ଟାର ପ୍ରଭାସ, ଦୀପିକା ପାଦୁକୋନ୍ ତଥା ଦିଶା ପଟାନି ଅଭିନୟ କରୁଥିବା ସୂଚନା ମିଳିଛି। ତେବେ ବୈଜୟନ୍ତୀ ମୁଭିଜ୍‌ର ୫୦ ବର୍ଷ ପୂର୍ତ୍ତି ଅବସରରେ ଏହି ଫିଲ୍ମଟିକୁ ରିଲିଜ୍ କରିବା ପାଇଁ ପ୍ରଥମେ ୨୦୨୦ ଫେବୃୟାରୀରେ ଏହାର ଶୁଟିଂ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ କରୋନା ମହାମାରୀ ପାଇଁ ମଝିରେ ବେଶ୍ କିଛିଦିନ ଶୁଟିଂ କାର୍ଯ୍ୟ ବନ୍ଦ ରହି ପୁନର୍ବାର ଜୁଲାଇ ୨୦୨୧ରେ ଆରମ୍ଭ ହେଲା। ପ୍ରାୟ ୬୦୦ କୋଟି ଟଙ୍କାର ବଜେଟରେ ତିଆରି ହୋଇଥିବା ଏହି ଫିଲ୍ମଟିକୁ ଭାରତୀୟ ସିନେମା ଇଣ୍ଡଷ୍ଟ୍ରିର ଏକ ବିଗ୍ ବଜେଟ ଫିଲ୍ମ ବୋଲି କୁହାଯାଉଛି ; ଯାହାକି ଚଳିତ ବର୍ଷ ଅକ୍ଟୋବର ନଚେତ୍ ଆସନ୍ତା ବର୍ଷ ଜାନୁଆରୀରେ ରିଲିଜ୍ ହେବ ବୋଲି ଶୁଣିବାକୁ ମିଳୁଛି। ତେବେ ଏଭଳି ଏକ ବିଗ୍ ବଜେଟ ଫିଲ୍ମରେ ଅଭିନୟ କରିବାର ଚାନ୍ସ ମିଳିଥିବାରୁ ଦୀପିକା ଯେତିକି ଖୁସି ଅଛନ୍ତି ଏହାର ସଫଳତାକୁ ନେଇ ସେତିକି ଆଶାବାଦୀ ମଧ୍ୟ ରହିଛନ୍ତି ।


ଦୀପିକା

## ପ୍ରଥମ ରୋଜଗାର

# ଗଡ଼ ଜିଣିବା ଭଳି ମନେ ହେଉଥିଲା



ଲେଖକ ଶତ୍ରୁଜିତ୍ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନିଜର 'ପ୍ରଥମ ରୋଜଗାର' କହିଲେ ଭିନ୍ନ ଭିନ୍ନ ଅର୍ଥ ଆସିପାରେ। ଜୀବନରେ ପ୍ରଥମ ଥର ପାଇଁ କୌଣସି କାମ କରି, ଅଥବା ଚାକିରିକରି କିମ୍ବା ଅନ୍ୟ କୌଣସି ଉପାୟରେ କରିଥିବା ରୋଜଗାରକୁ ପ୍ରଥମ ରୋଜଗାର କୁହାଯାଇପାରେ। ମୋ ପାଇଁ କିନ୍ତୁ ପ୍ରଥମ ରୋଜଗାର କହିଲେ, ମୁଁ ସ୍କୁଲରେ ପାଇଥିବା ବୃତ୍ତି ଟଙ୍କାକୁ ହିଁ ବୁଝେ। କାରଣ ମୋ ବୋଉ ମତେ ସେମିତି ହିଁ କହିଥିଲା। ମୋ ପିଲାଦିନର ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କଟିଛି କନ୍ଧମାଳ ଜିଲା ବଲ୍ଲିଗୁଡ଼ାରେ। ସେଇଠି ଥିବାବେଳେ ନିକଟସ୍ଥ ତେନ୍ତୁଳିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପଢ଼ିଛି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହେବାରୁ କେବଳ ଆମ ପରିବାର କାହିଁକି, ଆମ ସ୍କୁଲ, ଆମେ ରହୁଥିବା ବ୍ଲକ କଲୋନି ଆଦି ସବୁ ଜଣାଶୁଣା ସ୍ଥାନର ଲୋକେ ବି ବହୁ ଖୁସି ହୋଇଥିଲେ। କିନ୍ତୁ ବୃତ୍ତି ଟଙ୍କାଟା ପାଇଲି ୨ ବର୍ଷ ପରେ, ସପ୍ତମ ଶ୍ରେଣୀ ସରିବା ବେଳକୁ। ସେତେବେଳେ ସେମିତି ହିଁ ମିଳୁଥିଲା ବୃତ୍ତି ଟଙ୍କା। ମୋର ସପ୍ତମ ଶ୍ରେଣୀ ମାନେ ୧୯୮୨ ମସିହାର କଥା। ସେତେବେଳେ ବୃତ୍ତି ଟଙ୍କା ଥିଲା ମାସକୁ ୯ ଟଙ୍କା। ଏକାଥରକେ ୨ବର୍ଷର ବୃତ୍ତି ଟଙ୍କା ନେଇ ଘରକୁ ଫେରିବା ବେଳକୁ ଲାଗୁଥିଲା, ମୁଁ ସତେ ଅବା ଗଡ଼ ଜିଣି ଫେରୁଛି। ସେତେବେଳେ ଦ୍ୱିପ୍ରହର ଟିଫିନ୍ ଖର୍ଚ୍ଚ ବାବଦରେ ଦିନକୁ ୨୫ ପଇସା ନେଲେ କାହିଁରେ କ'ଣ। ତେଣୁ ୨ ବର୍ଷର ବୃତ୍ତି ଟଙ୍କା ମୋ ପାଇଁ କେତେ ଅଧିକ ଥିଲା, ଅନୁମାନ କରିହେଉଥିବ। ସ୍କୁଲରୁ ଫେରିବା ବେଳକୁ ବୃତ୍ତି ଟଙ୍କା ରଖିଥିବା ପକେଟକୁ ଜାବୁଡ଼ି ଧରିଥାଏ। ମନରେ କେମିତି ଗୋଟିଏ ଆନନ୍ଦର ଲହଡ଼ି। ଆଖିରେ ଅଜଣା ଚମକ। ଅବଶ୍ୟ ସେ ବୟସରେ ବୃତ୍ତି ଟଙ୍କା ପାଇବାର ଗୌରବ, କି ଦିନକୁ ୨୫/୩୦ ପଇସା ଧରୁଥିବା ହାତରେ ଏତେଗୁଡ଼ିଏ ଟଙ୍କା ଧରିଥିବାର ଉଦ୍‌ବେଳନରୁ ଏ ଆନନ୍ଦର ସୃଷ୍ଟି ହୋଇଥିଲା, ତାହା ଏବେ ମନେପଡୁନାହିଁ। ଘରେ ପଶୁ ପଶୁ ପକେଟ ଉପରେ ବୋଉର ନଜର ପଡ଼ିବାରୁ ସେ ପଚାରିଲା– ''କିରେ! ପକେଟକୁ କାହିଁକି ଜାବୁଡ଼ି ଧରିଛୁ?'' ମୁଁ ବୃତ୍ତି ଟଙ୍କା ପାଇଥିବା କହିଦେଲି। ବୋଉ ବୋଧହୁଏ ମୋ ଆଖିର ଚମକକୁ ପଢ଼ିପାରିଥିଲା। ଅବଶ୍ୟ ସବୁ ମାଆ ନିଜ ସନ୍ତାନର ମନର ଭାଷାକୁ ପଢ଼ିପାରନ୍ତି। ମୁଁ ତା' ହାତକୁ ଟଙ୍କାତକ ବଢ଼େଇଦେଲା ବେଳକୁ ସେ କହିଲା– ''ନାଇଁ , ଏ ଟଙ୍କା ତୋର। ଏଇଟା ତୋର ପ୍ରଥମ ରୋଜଗାର। ତୋ ପାଖରେ ରଖ, ଯେମିତି ମନ ହେଉଛି, ସେମିତି ଖର୍ଚ୍ଚ କରିବୁ।'' ବୋଉ କଥା ଶୁଣି ପୁଲକିତ ହେଲି। ସେଇ ଟଙ୍କାତକ ବହୁ ଦିନ ପର୍ଯ୍ୟନ୍ତ ପାଖରେ ରଖିଥିଲି। ତା' ପରେ କେମିତି ଖର୍ଚ୍ଚ କରିଥିଲି, ଏବେ ୪ଦଶନ୍ଧି ପରେ ଆଉ କି ମନେଅଛି! ପରବର୍ତ୍ତୀ ସମୟରେ ସପ୍ତମ ଶ୍ରେଣୀରେ ବି ବୃତ୍ତି ପାଇଲି; ଯାହାର ଟଙ୍କାତକ ଦଶମ ଶ୍ରେଣୀ ପରୀକ୍ଷା ଦେଇସାରିବା ପରେ ପାଇଥିଲି। କିନ୍ତୁ ସେତେବେଳକୁ ଆଉ ପ୍ରଥମ ଥରର ବୃତ୍ତି ଟଙ୍କା ଧରିବା ସମୟର ପୁଲକ ନ ଥିଲା। ପ୍ରଥମ ତ ସବୁବେଳେ ପ୍ରଥମ। ତା'ର ଆଉ ବିକଳ୍ପ ଥାଏ କି! ତେବେ ଦଶମ ଶ୍ରେଣୀରେ ପଢୁଥିଲାବେଳେ ସ୍କୁଲ ମାଗାଜିନ୍‌ରେ ମୋର ପ୍ରଥମ ଲେଖା ପ୍ରକାଶ ପାଇଥିଲା। ଏହାପରେ ନିୟମିତ ଗପ, କବିତା, ଲଳିତ ନିବନ୍ଧମାନ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଚାଲିଲା। ଏପରିକି ଯା'ଭିତରେ ମୋର ୨ଟି କବିତା, ୩ଟି ଗଳ୍ପ ଓ ୬ଟି ଲଳିତ ନିବନ୍ଧ ପୁସ୍ତକ ମଧ୍ୟ ପ୍ରକାଶ ପାଇସାରିଛି। ତେବେ ଏହି ସାହିତ୍ୟ ଲାଗି ମୋତେ ରାଜ୍ୟ ଯୁବ ପୁରସ୍କାର ବି ମିଳିଛି।



## ସାଥୀ

# ଲାଜୁଆ ହସକୁ ଚୋରା ଚାହାଣୀ ସେଥିରେ ଲୁଚିଛି ପ୍ରେମ କହାଣୀ

**ପ୍ରଶ୍ନ–** ମୁଁ ଜଣେ ଝିଅକୁ ମନପ୍ରାଣ ଦେଇ ଭଲପାଉଛି। ହେଲେ ତା'ର ଜଣେ ସାଙ୍ଗ ଏବେ ମୋ ପ୍ରେମରେ ପଡିଯାଇଛି। ମୁଁ ଏବେ କାହାକୁ ପ୍ରେମିକା ଭାବରେ ଗ୍ରହଣ କରି ଆଗକୁ ଆଗେଇବି ତାକୁ ନେଇ ଟେନସନରେ ଅଛି। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ରାଜୀବ ଲୋଚନ ନାୟକ, କେନ୍ଦ୍ରାପଡ଼ା*

**ଉତ୍ତର:** ପ୍ରେମରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଆପଣ ଜଣଙ୍କୁ ପ୍ରେମ କରୁଛନ୍ତି, ପୁଣି ତା'ଭିତରେ ଆପଣଙ୍କ ପ୍ରେମିକାର ସାଙ୍ଗ ଆପଣଙ୍କୁ ପ୍ରେମ କରି ବସିଲେଣି। ସତରେ ଇଏ ବଡ଼ ଅଡୁଆ କଥା। 'କଅଁଳିଆ ଖରାକୁ ଟିପିଟିପି ବର୍ଷା, ସୋନାକୁ ପ୍ରେମ କଲେ ମୋନା କରେ ଇର୍ଷା'। ହେଲେ ଏହି ଦୁଇ ଜଣଙ୍କ ଭିତରୁ ଜଣଙ୍କୁ ନେଇ ଆପଣଙ୍କୁ ଆଗେଇବାକୁ ପଡିବ। ତେଣୁ ପ୍ରଥମେ ଡିସାଇଡ୍ କରିନିଅନ୍ତୁ କିଏ ଆପଣଙ୍କର ଓରିଜିନାଲ ପ୍ରେମିକା। ନ ହେଲେ ଦୁଇ ପ୍ରେମିକାଙ୍କର ପ୍ରେମ ସମୁଦ୍ରରେ ବୁଡ ମାରୁ ମାରୁ ତେଣେ ନେଡିଗୁଡ କଚ୍ଛଣିକୁ ବୋହି ଯାଇଥିବ। ବେଳ ଥାଉ ଥାଉ ବ୍ୟବସ୍ଥା କରନ୍ତୁ। ନଚେତ୍ ଦୁଇ ଆଖିରୁ ବୋହିଯାଉଥିବା ଗଙ୍ଗାଯମୁନାକୁ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ–** ଅନେକେ କହନ୍ତି, ଲାଜରୁ ପ୍ରେମର ସୃଷ୍ଟି। ଏକଥା ପଛରେ କେତେ ସତ୍ୟତା ରହିଛି କହିବେ କି ସାଥୀ ?

*–ବିକ୍ରମ ସେନାପତି, ଜଗତ୍‌ସିଂହପୁର*

**ଉତ୍ତର:** 'ଲାଜୁଆ ଲାଜୁଆ ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ।' କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେଲା ବେଳେ ଲାଜ କରନ୍ତି। ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ମଗଜ ଖଟାଇ ତାହାକୁ ପଢ଼ି ପାରିଲେ ହେଲା। ସେହି ଲାଜୁଆ ଇସାରାରେ ହୁଏତ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବିଳମ୍ବ କରିବାର ଆବଶ୍ୟକତା ନାହିଁ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହାତଛଡା ହୋଇଯାଇପାରେ।

**ପ୍ରଶ୍ନ–** ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅ ପ୍ରେମରେ ପଡିଯାଇଛି। ହେଲେ ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। କ'ଣ କରିବି ?

*–ଭ୍ରମରବର ବେହେରା, ବୌଦ୍ଧ*

**ଉତ୍ତର:** ଯାହାକୁ ପ୍ରଥମେ ନିଜ ମନର ମାନସୀ ଭାବରେ ଗ୍ରହଣ କରି ଅନେକ ବାଟ ଆଗେଇ ଯାଇଥିଲେ ସେହି ପ୍ରେମର ହଠାତ୍ ବୋଧହୁଏ ଦି ଏଣ୍ଡ ହୋଇଯାଇଛି। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।






ବର୍ଷାଦିନେ ରେନ୍‌କୋଟ୍ ହେଉ କି ଛତା, ଶରୀରକୁ ସିନା ଓଦାହେବାରୁ ରକ୍ଷା କରିଦିଏ କିନ୍ତୁ ଜୋତା ବା ଫୁଟ୍‌ୱେର୍‌କୁ ସୁରକ୍ଷା ଦେଇପାରେନା; ଯଦ୍ୱାରା ତାହା ବର୍ଷାରେ ଓଦା ହୋଇ କେତେବେଳେ ଛିଡ଼ିଯାଏ ତ ପୁଣି ସେଥିରୁ ଉତ୍କଟ ଦୁର୍ଗନ୍ଧ ବାହାରିଥାଏ। ତେଣୁ ବର୍ଷାଦିନେ କେଉଁଭଳି ଜୋତା ପିନ୍ଧିଲେ ତାହା ସୁରକ୍ଷିତ ରହିବା ସହ ଆମକୁ ଟ୍ରେଣ୍ଡି ଲୁକ୍ ଦେଇପାରିବ, ଜାଣନ୍ତୁ ସେ ସମ୍ପର୍କରେ...

# ମନ୍‌ସୁନ୍ ଫୁଟ୍‌ୱେର୍

*** ଫ୍ଲିପ୍-ଫ୍ଲପ୍:** ବର୍ଷାଦିନେ ପିନ୍ଧିବା ପାଇଁ ଏହି ଫୁଟ୍‌ୱେର୍ ସବୁଠୁ ଭଲ ଅପସନ୍। ଏହା ପିନ୍ଧିବାକୁ ଯେମିତି କମ୍ଫଟେବଲ ଲାଗେ ପାଦକୁ ସେମିତି ସୁନ୍ଦର ଲୁକ୍ ବି ଦେଇଥାଏ। ସବୁଠୁ ବଡ଼ କଥା ହେଉଛି, ଏହି ଫୁଟ୍‌ୱେର୍‌କୁ ଯେକୌଣସି ଆଉଟ୍‌ଫିଟ୍ ସହ ଆରାମରେ ପିନ୍ଧାଯାଇପାରେ। ଖାସ୍‌କରି ସର୍ଟ୍ସ କିମ୍ବା ଜିନ୍ସ ସହ ଏହାକୁ ପେୟାର କଲେ ଭଲ ମାନିଥାଏ। ବର୍ଷାଦିନେ ଫ୍ଲିପ୍-ଫ୍ଲପ୍ ଓଦା ହୋଇଗଲେ ବି କିଛି ଟେନ୍‌ସନ ନାହିଁ। କାରଣ ଏହା ଓଦା ହେଲେ ନଷ୍ଟ ହୁଏ ନାହିଁ କାରଣ ଏହା ଶୀଘ୍ର ଶୁଖିଯାଏ।

***କ୍ରକ୍ସ:** ଏହା ପାଦକୁ ବେଶ୍ ହାଲ୍‌କା ଲାଗିଥାଏ। ତା'ଛଡ଼ା ଏହି ଫୁଟ୍‌ୱେର୍‌ରେ କଣା କଣା ଡିଜାଇନ ଥିବାରୁ ପାଦରେ ପବନ ବାଜିବାରେ ସହଜ ହୋଇଥାଏ। ଫଳରେ ବର୍ଷାଦିନେ ଏହି ଫୁଟ୍‌ୱେର ଓଦା ହୋଇଗଲେ ଶୀଘ୍ର ଶୁଖିଯାଏ। ଏହି ଫୁଟ୍‌ୱେର ଦେଖିବାକୁ ବି ଖୁବ୍ ଟ୍ରେଣ୍ଡି ଲାଗିଥାଏ ; ତେଣୁ ବର୍ଷାଦିନେ ଆପଣ ଚାହିଁଲେ ଏ ଟାଇପ୍‌ର ଫୁଟ୍‌ୱେର ବି ଟ୍ରାଏ କରିପାରିବେ।

***ଫ୍ଲୋଟର୍ସ:** ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଏହି ଫୁଟ୍‌ୱେର। ଏହାର ଡିଜାଇନ ଏଭଳି ହୋଇଥାଏ ଯେ, ଯାହାକୁ ବର୍ଷାରେ ପିନ୍ଧି ଚାଲିଲେ ପାଦ ସହଜରେ ସ୍ଲିପ୍ କରେନାହିଁ କିମ୍ବା ଏହା ପାଦରୁ ବାରମ୍ବାର କାଢ଼ି ହୋଇଯାଏ ନାହିଁ। ଖାସ୍ ଏହି ଦୁଇଟି କାରଣ ପାଇଁ ବର୍ଷାଦିନେ ଏହି ଏହି ଫୁଟ୍‌ୱେର୍‌ର ଖୁବ୍ ଚାହିଦା ରହିଥାଏ।

***ଗମ୍‌ବୁଟ୍:** ଏହି ବୁଟ୍‌ର ଲମ୍ବା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ରହିଥାଏ। ଫଳରେ ବର୍ଷାଦିନେ ଏହାକୁ ପିନ୍ଧିଲେ ପାଦ ସହଜରେ ଓଦା ହୁଏନାହିଁ। ତା'ଛଡ଼ା ଏହା ୱାଟରପ୍ରୁଫ୍ ହୋଇଥିବାରୁ ବର୍ଷାଦିନେ ଭଲ ଲାଷ୍ଟିଂ ମଧ୍ୟ କରିଥାଏ। ଏହି ଫୁଟ୍‌ୱେର୍ ବିଭିନ୍ନ ରଙ୍ଗରେ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ ।

***ଜେଲି ସୁ:** ସ୍ୱତନ୍ତ୍ର ପିଭିସି ପ୍ଲାଷ୍ଟିକ୍ ଦ୍ୱାରା ପ୍ରସ୍ତୁତ ହେଉଥିବା ଜେଲି ସୁ ବର୍ଷାଦିନେ ପିନ୍ଧିବା ପାଇଁ ଏକ ଭଲ ଅପସନ୍ ହୋଇଥାଏ। ଏହା ଭଲ ଲାଷ୍ଟିଂ ବି କରିଥାଏ। ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଡିଜାଇନରେ ଆସୁଥିବା ଏହି ଜେଲି ସୁ'କୁ ଯେକୌଣସି ଆଉଟ୍‌ଫିଟ୍ ସହ ମଧ୍ୟ ମ୍ୟାଚିଂ କରି ପିନ୍ଧାଯାଇପାରେ।













ଆକାଂକ୍ଷା

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ଟ୍ୟାପ୍ ପାଣି

ପପୁ ତା' ବାପାଙ୍କୁ: ବାପା ଆମ ଘର ଟ୍ୟାପ୍‌ରୁ ଯୋଉ ପାଣି ବାହାରୁଛି ସେଇଟା କୋଉଠୁ ଆସୁଛି?
ବାପା: ନଦୀରୁ।
ପପୁ: ନଦୀ କେମିତିଆ।
ବାପା: ଚାଲ ତତେ ମୁଁ ନଦୀ ଦେଖେଇବାକୁ ନେବି।
ନଦୀ ପାଖରେ ପହଞ୍ଚିବାପରେ ପପୁ ତା' ବାପାଙ୍କୁ ନଦୀକୁ ଠେଲି ଦେଇ ଘରକୁ ଦୌଡ଼ିଲା।
ଘରେ ପହଞ୍ଚି ପପୁ ମାମାକୁ: ମାମା ଜଲ୍‌ଦୀ ଟ୍ୟାପ୍ ଖୋଲ। ବାପା ଟ୍ୟାପ୍ ଭିତରୁ ବାହାରିବେ।

### ସଚ୍ଚା

ମିନୁ: ଆଜିର ଯୁଗରେ ସବୁଠାରୁ ସଚ୍ଚା ଓ ଭଦ୍ର କିଏ କହିଲୁ?
ମଞ୍ଜୁ: ଯାହା ମୋବାଇଲ୍‌ରେ ପାସ୍‌ୱାର୍ଡ ନାହିଁ।

### ଟିକେଟ

ପପୁ ପ୍ଲାଟ୍‌ଫର୍ମରେ ବୁଲୁଥିଲା।
ଟିଟି- ଟିକେଟ କାହିଁ?
ପପୁ- ମୁଁ ଟ୍ରେନ୍‌ରେ ଆସିନି।
ଟିଟି- ପ୍ରମାଣ କ'ଣ ଅଛି, ତମେ ଟ୍ରେନ୍‌ରେ ଆସିନ?
ପପୁ- ମୋର ଟିକେଟ ନାହିଁ।


### ଶୋଇନି

ଶ୍ରେଣୀ ଗୃହରେ ଶିକ୍ଷୟିତ୍ରୀ ଶୋଇପଡ଼ିଥିଲେ। ଜଣେ ଛାତ୍ର ଉଠାଇ: ମ୍ୟାମ୍ ଆପଣ ଶୋଇପଡ଼ିଥିଲେ?
ଶିକ୍ଷୟିତ୍ରୀ: ନା, ମୁଁ ତ ଆଖି ବନ୍ଦ କରି ଭଗବାନଙ୍କ ସହ କଥା ହେଉଥିଲି।
କିଛିଦିନ ପରେ ସେହି ଛାତ୍ର ଜଣକ ଶ୍ରେଣୀ ଗୃହରେ ଶୋଇପଡ଼ିଥାଏ। ଏହା ଦେଖି ଶିକ୍ଷୟିତ୍ରୀ ରାଗିକି: କ୍ଲାସ୍ ରୁମ୍‌ରେ ଶୋଇଛୁ? ରହ ତୋ ନିଦ ଭାଙ୍ଗୁଛି।
ଛାତ୍ର ଉଠିପଡ଼ି: ମ୍ୟାମ୍ ମୁଁ ଶୋଇ ନ ଥିଲି। ମୁଁ ତ ଆଖି ବନ୍ଦ କରି କିଛି ସମୟ ଭଗବାନଙ୍କ ସହ କଥା ହେଉଥିଲି।

## ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା

# କୌସାନୀ

**ଉତ୍ତରାଖଣ୍ଡର ବାଗେଶ୍ୱର ଜିଲା ଅନ୍ତର୍ଗତ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଗାଁ ହେଉଛି କୌସାନୀ। ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହାକୁ ହିଲ୍ ଷ୍ଟେଶନର ମାନ୍ୟତା ମଧ୍ୟ ମିଳିଛି। ଏଠାରେ ପର୍ଯ୍ୟଟକ ବିଭିନ୍ନ ଆଧ୍ୟାତ୍ମିକ ପୀଠ, ଚା' ବଗିଚା ତଥା ଅନ୍ୟାନ୍ୟ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ଦେଖିପାରିବେ। କୋଳାହଳରୁ ଦୂରରେ ଥିବା ଏହି ସ୍ଥାନରେ ନିରୋଳାରେ ଟିକେ ସମୟ ବିତାଇବା ପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳି ଲାଗି ରହିଥାଏ।**









ଉତ୍ତରାଖଣ୍ଡର କୌସାନୀ ହେଉଛି ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଏହା ଏକ ହିଲ୍‌ଷ୍ଟେଶନ ମଧ୍ୟ। ପର୍ଯ୍ୟଟକ ଏଠାରେ ବିଭିନ୍ନ ଆଧ୍ୟାତ୍ମିକ ପୀଠ ବୁଲି ଦେଖିବା ସହ ଏଠାରେ ଥିବା ଚା' ବଗିଚାରେ ମଧ୍ୟ ବୁଲିବାର ଆନନ୍ଦ ଲଭିପାରିବେ। କେବଳ ଏତିକି ନୁହେଁ ଏଠାରେ ଅନେକ ପାର୍କ, ପାହାଡ, ପର୍ବତ, ଆଶ୍ରମ, ତଥା ଆଧ୍ୟାତ୍ମିକ ପୀଠ ବି ପର୍ଯ୍ୟଟକ ବୁଲି ଦେଖିପାରିବେ। ତା'ଛଡ଼ା ଏଠାକାର ସୂର୍ଯ୍ୟୋଦୟ ତଥା ସୂର୍ଯ୍ୟାସ୍ତର ଦୃଶ୍ୟ ବି ବେଶ୍ ମନୋରମ ଲାଗିଥାଏ ଦେଖିବାକୁ। କୋଳାହଳ ପରିବେଶରୁ ଦୂରରେ ଥିବା ଏହି ସ୍ଥାନରେ ଖାସ୍ ଛୁଟି କଟାଇବାକୁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳିଥାଏ।

### କ'ଣ ସବୁ ରହିଛି ଏଠାରେ

କୌସାନୀର ନିକଟବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି: ବୈଜନାଥ ଲେକ୍, ଅନଶକ୍ତି ଆଶ୍ରମ, ମାଉଣ୍ଟେନ୍ ରେଞ୍ଜ, ଆରତି ରୁମ୍, ସନ୍‌ରାଇଜ୍ ଓ ସନ୍‌ସେଟ୍ ପଏଣ୍ଟ, କଫାରି, ରୁଦ୍ରାହରି କେଭ୍, ସୁନ୍ଦର ଧୁଙ୍ଗା ଟ୍ରେକ୍ ତଥା କୋଟେ ମାଇ ମନ୍ଦିର, କ୍ରିଷ୍ଟା ଗରି, ଲୁବାଞ୍ଜ ଭିଲେଜ୍, ଅଙ୍ଗ୍ୟାରି ମନ୍ଦିର, ପଞ୍ଚୁଲି ପିକ୍, ଚା' ବଗିଚା, ଜଙ୍ଗଲ୍ ପାର୍କ ଇତ୍ୟାଦି ହେଉଛି ସ୍ଥାନୀୟ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

### ଆଉ କ'ଣ ଖାସ୍ ରହିଛି ଏଠାରେ

କଳା ସଂସ୍କୃତିକୁ ଭଲ ପାଉଥିବା କୌସାନୀବାସୀ ବି ବେଶ୍ ନାଟକପ୍ରେମୀ ହୋଇଥାନ୍ତି। ସେଥିପାଇଁ ଏଠାରେ ଅନେକ ଥିଏଟର୍ ବି ରହିଛି। ପର୍ଯ୍ୟଟକ ଚାହିଁଲେ ଉକ୍ତ ଥିଏଟର୍ ଆଡ଼େ ବି ବୁଲି ଯାଇପାରିବେ। ସେହିପରି ବହୁ ଅଡିଟୋରିୟମ୍ ବି ଏଠାରେ ଅଛି। ଅନ୍ୟପକ୍ଷେ ଶପିଂ ପାଇଁ ବି ଏଠାରେ ଅନେକ ମଲ୍ ତଥା ମାର୍କେଟ୍ ବି ରହିଛି ; ଯେଉଁଠାରୁ ପର୍ଯ୍ୟଟକ ନିଜ ପସନ୍ଦ ମୁତାବକ ଜିନିଷ ବେଶ୍ ସୁଲଭ ମୂଲ୍ୟରେ କିଣି ପାରିବେ।

### କୌସାନୀର ଅର୍ଥନୀତି

ସୂଚନାନୁଯାୟୀ, କୌସାନୀରେ କୁଆଡ଼େ ଚା' ଚାଷ ଭଲ ହୋଇଥାଏ। ଏଠାକାର ଅର୍ଥନୀତି ବି ଏହା ଉପରେ ନିର୍ଭର କରେ। ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାରୁ ଭଲ ରୋଜଗାର ହୁଏ। ସେହିପରି ହ୍ୟାଣ୍ଡଲୁମ୍ କାରୁକାର୍ଯ୍ୟରେ ବି ଏଠାକାର ଅଧିବାସୀ ଖୁବ୍ ନିପୁଣ। ସେଥିରୁ ବି ସେମାନେ ଭଲ ଦି ପଇସା ରୋଜଗାର କରିଦେଇଥାନ୍ତି। ତା'ଛଡ଼ା ଏଠାକାର ଅନେକ ଲୋକ ଉଚ୍ଚ ଶିକ୍ଷା ଲାଭ କରି ଭଲ ପଦପଦବୀରେ ମଧ୍ୟ ଅବସ୍ଥାନ କରିଛନ୍ତି।


### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବା ପାଇଁ ସୁବିଧା ରହିଛି। ଏପରିକି ବର୍ଷାଦିନେ ବି ଏଠାକୁ ବୁଲି ଗଲେ ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିହେବ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଟ୍ରେନ୍ ହେଉ ଅବା ବସ୍ ଅଥବା ପ୍ଲେନ୍ ପର୍ଯ୍ୟଟକଙ୍କୁ ଯେଉଁଥିବରେ ସୁବିଧା ସେଥିରେ ଯାଇ ଆରାମରେ ଏଠାରେ ପହଁଞ୍ଚି ବୁଲିପାରିବେ।

### କ'ଣ ଖାଇବେ ଓ କ'ଣ କିଣିବେ


ଏଠାରେ ଇଣ୍ଡିଆନ୍, ଚାଇନିଜ୍ ଖାଦ୍ୟର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳେ। ତା'ଛଡ଼ା ବିଭିନ୍ନ ସୁସ୍ୱାଦୁ ଷ୍ଟ୍ରିଟ୍ ଫୁଡ୍ ବି ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କର ମନ ମୋହି ନେଇଥାଏ। ସେହିପରି ପର୍ଯ୍ୟଟକ ଏଠାରୁ ଫେରିଲାବେଳେ ସାଙ୍ଗରେ ସୁଲଭ ଦରରେ ଚା' ତଥା ବିଭିନ୍ନ ପ୍ରକାରର ହ୍ୟାଣ୍ଡଲୁମ୍ ଜିନିଷ ମଧ୍ୟ କିଣି ଆଣିପାରିବେ।





# ଘୁଙ୍ଗୁଡ଼ି

**ଶୋଇବାବେଳେ ଘୁଙ୍ଗୁଡ଼ି ଅନେକେ ମାରିଥାନ୍ତି। କିଏ କହେ ଏହା ଗଭିର ନିଦ୍ରା ହେଲେ ହୁଏ, ତ କିଏ କହେ ଅଧିକ ଥକି ଯାଇଥିଲେ ହୁଏ । ତେବେ ପ୍ରକୃତରେ ଘୁଙ୍ଗୁଡ଼ି ମାରିବା ପଛର କାରଣ କ'ଣ ଓ ଏହା ହେବା କ'ଣ ସୂଚନା ଦିଏ ଜାଣନ୍ତୁ ସେ ସମ୍ପର୍କରେ...**





ଶୋଇବା ସମୟରେ ଶ୍ୱାସ ନେବା ସହ ଜୋର୍‌ରେ ଶବ୍ଦ ହୋଇ ଭାଇବ୍ରେଶନ୍ ବା କମ୍ପନ ହେଲେ ତାକୁ ସାଧାରଣତଃ ଘୁଙ୍ଗୁଡ଼ି କୁହାଯାଏ। ଘୁଙ୍ଗୁଡିର ଶବ୍ଦ ନାକ ଅବା ପାଟିରୁ ବାହାରିଥାଏ । ଅନେକେ କହନ୍ତି ଅଧିକ ଥକି ଯାଇଥିଲେ ଅବା ଗଭିର ନିଦ୍ରା ହେଲେ ଘୁଙ୍ଗୁଡ଼ି ହୁଏ। ଗବେଷଣା କିନ୍ତୁ କହେ ଘୁଙ୍ଗୁଡ଼ି ଏସବୁ କାରଣରୁ ହୁଏ ନାହିଁ। ଘୁଙ୍ଗୁଡ଼ି ହେବା ପଛର ମୁଖ୍ୟ କାରଣ ହେଉଛି ଶୋଇବା ସମୟରେ ଶ୍ୱାସକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି ହେବା। ଯେମିତିକି ଶୋଇବା ସମୟରେ ପାଟିର ଉପରଭାଗ ବା ସଫ୍ଟ ପାଲେଟ୍, ଜିଭ ଓ ଗଳା ରିଲାକ୍ସ ହୋଇଯାଏ। ବେଳେବେଳେ ଗଳାର କୋଷିକ ଏତେ ମାତ୍ରାରେ ରିଲାକ୍ସ ହୋଇଯାଆନ୍ତି ଯେ, ତାହା କିଛି ମାତ୍ରାରେ ପବନ ଯିବା ପଥକୁ ବା ଏୟାରୱେକୁ ବ୍ଲକ୍ କରିଦିଏ ଓ କମ୍ପନ ସୃଷ୍ଟି କରେ। ଏହି ଏୟାରୱେ ଯେତେ ସରୁ ଏୟାରଫ୍ଲୋ ସେତେ ଶକ୍ତିଶାଳୀ ହୁଏ। ଏହା କୋଷିକାରେ କମ୍ପନ ବଢାଇଥାଏ। ଯେଉଁ କାରଣରୁ ଘୁଙ୍ଗୁଡିର ଶବ୍ଦ ବଢିଥାଏ। ଏହାଛଡ଼ା ଯେଉଁମାନଙ୍କ ପାଟିର ଉପରଭାଗ ଅବା ସଫ୍ଟ ପାଲେଟ୍ ତଳୁଆ ମୋଟା ହୋଇଥାଏ ତାହା ମଧ୍ୟ ଏୟରୱେକୁ ସଂକୀର୍ଣ୍ଣ କରିଦିଏ। ଫଳରେ ଘୁଙ୍ଗୁଡ଼ି ହୁଏ। ସେହିଭଳି ଯେଉଁମାନେ ଓଭରୱେଟ୍ ତାଙ୍କ ଗଳାର ପଛଭାଗରେ ଏକ୍ସଟ୍ରା ଟିସୁ ଥାଇପାରେ ଯାହାକି ଏୟାରୱେକୁ ସଂକୀର୍ଣ୍ଣ କରାଏ। ପାଟିର ଉପରଭାଗ ବା ତାଲୁକାରୁ ଝୁଲି ରହିଥିବା ଘଣ୍ଟିକା ଯଦି ପତଳା ଓ ଲମ୍ବା ହୋଇଥାଏ ତେବେ ବି ଏୟାରଫ୍ଲୋ ଅବରୋଧ ହେବାସହ କମ୍ପନ ସୃଷ୍ଟି ହେବ। ଥଣ୍ଡା ହୋଇଥିବାବେଳେ ଅବା ସାଇନସ୍‌ରେ ସଂକ୍ରମିତ ହୋଇଥିଲେ ବି ଘୁଙ୍ଗୁଡି ଅଧିକ ହୁଏ। ନାକର ହାଡ ବଙ୍କା ହୋଇଥିଲେ ଅବା ସେଠାରେ ମାଂସ ବଢିଥିଲେ ବି ଶ୍ୱାସକ୍ରିୟା ସମୟରେ ଚାପ ପଡ଼େ। ଆଉ ନିଶ୍ୱାସ ନେବାବେଳେ ଶବ୍ଦ ବାହାରେ, ଯାହାକୁ ଆମେ ଘୁଙ୍ଗୁଡ଼ି କହୁ। ଯେବେ ଗଳା ଓ ଜିଭର ମାଂସପେଶୀ ଦୁର୍ବଳ ହୋଇ ଲଟକିଯାଏ ସେତେବେଳେ ବି ଶ୍ୱାସକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି ହୁଏ। ଏହାବାଦ ଅଧିକ ମଦ୍ୟପାନ କଲେ ଅବା ନିଦ ବଟିକା ଖାଇଲେ ବି ଘୁଙ୍ଗୁଡ଼ି ହୋଇଥାଏ। ବୟସ ବଢିବା ସହ ବି ମାଂସପେଶୀ ଦୁର୍ବଳ ହୁଏ ଓ ଘୁଙ୍ଗୁଡି ହୁଏ। କମ୍ ଶୋଇବା ବି ଏହାର ଆଉ ଏକ କାରଣ ହୋଇପାରେ। କିଛି ଗବେଷଣା କହେ, ରକ୍ତ ସମ୍ପର୍କରେ ଯଦି କେହି ଘୁଙ୍ଗୁଡ଼ି ମାରୁଥାନ୍ତି, ତେବେ ଘୁଙ୍ଗୁଡ଼ି ହେବାର ସମ୍ଭାବନା ଅଧିକ ଥାଏ।

**ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଦର୍ଶାଏ:**ଘୁଙ୍ଗୁଡି ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ବି ଦର୍ଶାଏ। ତେଣୁ ଘୁଙ୍ଗୁଡ଼ିକୁ ସାମାନ୍ୟ ଭାବି ଅଣଦେଖା କରିବା ଠିକ୍ ନୁହେଁ। ଠିକ ସମୟରେ ଏହାର ଚିକିତ୍ସା ନ କରାଗଲେ ସ୍ଲିପ ଏପ୍ନିଆ ହୋଇପାରେ। ଯଦି ସାରା ରାତି ଖୁବ୍ ଜୋର୍‌ରେ ଘୁଙ୍ଗୁଡ଼ି ମାରି ଶୋଇ ମଧ୍ୟ ଦୁର୍ବଳ ଲାଗେ ତେବେ ଆପଣଙ୍କୁ ସ୍ଲିପ ଏପ୍ନିଆ ହୋଇଥାଇପାରେ।

**କିଛି ରୋଚକ କଥା:** ଘୁଙ୍ଗୁଡ଼ିର ଶବ୍ଦ ୫୦-୧୦୦ ଡେସିବଲ୍ ପର୍ଯ୍ୟନ୍ତ ହୋଇପାରେ। କିନ୍ତୁ ଜେନି ଚାପମ୍ୟାନ ନାମକ ଜଣେ ମହିଳାଙ୍କ ନାମରେ ସବୁଠାରୁ ଜୋର୍‌ରେ ଶବ୍ଦ କରି ଘୁଙ୍ଗୁଡ଼ି ମାରୁଥିବା ରେକର୍ଡ ଅଛି। ତାଙ୍କ ଘୁଙ୍ଗୁଡିର ଶବ୍ଦ ୧୧୦ ଡେସିବଲ୍ ଅଟେ। ଜେନି ନିଜେ ବି ଜାଣି ନ ଥିଲେ ସେ ଏତେ ଜୋର୍‌ରେ ଘୁଙ୍ଗୁଡି ମାରନ୍ତି ବୋଲି। ୨୦୦୯ରେ ଯେବେ ସେ ସ୍ଲିପ୍ କ୍ଲିନିକକୁ ଯାଇଥିଲେ ସ୍ଲିପ୍ ସ୍ପେଶାଲିଷ୍ଟ ତାଙ୍କ ଘୁଙ୍ଗୁଡ଼ି ଶବ୍ଦ ଶୁଣି ଚକିତ ହୋଇଯାଇଥିଲେ। ସେମିତି ହଲିଉଡ୍ ଅଭିନେତା ଟମ୍ କ୍ରୁଜ୍ ଏତେ ଜୋର୍‌ରେ ଘୁଙ୍ଗୁଡ଼ି ମାରନ୍ତି ଯେ, ନିଜ ଘରେ ସେ ଏକ କୋଠରୀକୁ ସ୍ନୋରାଟୋରିୟମ୍‌ରେ ପରିବର୍ତ୍ତିତ କରିଛନ୍ତି। ଏଭଳି କରିବାର ଉଦ୍ଦେଶ୍ୟ ଥିଲା ପୂର୍ବ ପତ୍ନୀ କେଟି ହୋମ୍ସ ଯେମିତି ତାଙ୍କ ଘୁଙ୍ଗୁଡ଼ି ପାଇଁ ହଇରାଣ ନ ହୁଅନ୍ତୁ। ଗବେଷଣା ଅନୁଯାୟୀ ଏକ ତୃତୀୟାଂଶ ମହିଳା ଘୁଙ୍ଗୁଡ଼ି ମାରିଥାନ୍ତି।





# ଥାଳିରେ ନୁହେଁ, ପରଷା ଯାଏ ମଣିଷ ଶରୀର ଉପରେ

ପତ୍ରଠୁ ଆରମ୍ଭ କରି ମାଟିପାତ୍ର, ପିତ୍ତଳ, କଂସା, ଷ୍ଟିଲ୍ ଭଳି ବିଭିନ୍ନ ପ୍ରକାରର ପାତ୍ରକୁ ଆମେ ବ୍ୟବହାର କରିଥାଉ ଖାଦ୍ୟ ପରଷି ଖାଇବା ପାଇଁ। ଆଉ ରେଷ୍ଟୁରାଣ୍ଟଗୁଡିକରେ ତ ପରଷିବା ଥାଳି ଓ ପରଷିବା ଶୈଳି ଥାଏ ବେଶ୍ ନିଆରା। କାରଣ ଯାହାର ପରଷିବା ଶୈଳୀ ଯେତେ ଆକର୍ଷକ ସେଠି ଗ୍ରାହକଙ୍କ ଭିଡ଼ ସେତେ ଅଧିକ ରହେ। ଯେମିତିକି ଜାପାନରେ ଥିବା ଏକ ରେଷ୍ଟୁରାଣ୍ଟରେ ଖାଦ୍ୟ ପରଷିବା ଲାଗି ଦାମୀ ଆକର୍ଷକ ପାତ୍ର ବ୍ୟବହାର ହୁଏ ନାହିଁ। ବରଂ ଏଠି ଖାଦ୍ୟ ପରଷା ଯାଏ ମହିଳାଙ୍କ ନଗ୍ନ ଶରୀର ଉପରେ। ବିଭିନ୍ନ ପ୍ରକାରର ଖାଦ୍ୟ ସହ ଫୁଲକୁ ବେଶ୍ ସୁନ୍ଦରଭାବେ ସାରା ଶରୀରରେ ସଜାଇ ପରଷା ଯାଇଥାଏ। ଗ୍ରାହକଙ୍କୁ ଯେଉଁ ଖାଦ୍ୟ ଖାଇବାକୁ ଇଛା ହେବ ତାହା ମହିଳାଙ୍କ ଶରୀର ଉପରେ ଥିବା ବ୍ୟଞ୍ଜନରୁ ବାଛି ଖାଇପାରିବେ। କେବଳ ନାରୀ ନୁହନ୍ତି ପୁରୁଷଙ୍କ ନଗ୍ନ ଶରୀର ଉପରେ ବି ଏଠାରେ ଖାଦ୍ୟ ପରଷା ଯାଇଥାଏ। ଜାପାନରେ ମଣିଷ ଶରୀର ଉପରେ ଖାଦ୍ୟ ପରଷିବା କଥା ବହୁତ ପୁରୁଣା ଅଟେ। ତେବେ ପ୍ରଥମେ ଏହା ଚାଇନାରେ ଆରମ୍ଭ ହୋଇଥିଲା। ଏହା 'ନ୍ୟୋତାଇମୋରୀ' ବା 'ବଡ଼ି ସୁଶି' ନାମରେ ପରିଚିତ, ଯାହାର ଅର୍ଥ ଶରୀରରେ ହେଇଥିବା ପ୍ଲେଟ୍। ତେବେ ଜାପାନ, ଚାଇନାର କିଛି ସ୍ଥାନରେ ମହିଳା, ପୁରୁଷଙ୍କ ଶରୀର ଉପରେ ଖାଦ୍ୟ ପରଷା ନ ଯାଇ ତା' ସ୍ଥାନରେ ମଣିଷ ଶରୀର ପରି କେକ୍ ଅବା କଣ୍ଢେଇ କରି ତା' ଉପରେ ଖାଦ୍ୟ ପରଷା ଯାଇଥାଏ।




ବ୍ୟାକ୍ ପେଜ୍




# ରୋବୋର ହେବ ଶ୍ୱାସକ୍ରିୟା, ବୋହିବ ଝାଳ


ରୋବୋ ଏକ ମେସିନ୍। ଏଥିରେ ନ ଥାଏ ମଣିଷ ପରି କୌଣସି ସମ୍ବେଦନଶୀଳତା। ଏଥିରେ ଅନେକ କମ୍ପ୍ଲିକେସି ବି ଥାଏ। ତେଣୁ ଏହାର ବହୁଳ ବ୍ୟବହାର ଏଯାଏଁ ହୋଇପାରି ନାହିଁ। ତେବେ ସମୟକ୍ରମେ ଏବେ ରୋବୋରେ ଅନେକ ଡେଭଲପ୍‌ମେଣ୍ଟ ହେଲାଣି। ତେବେ ଏବେ ଖବର ଆସିଛି ବୈଜ୍ଞାନିକମାନେ ଏଭଳି ଏକ ରୋବୋ ତିଆରି କରିଛନ୍ତି, ଯେକି ଅନେକାଂଶରେ ମଣିଷ ଭଳି। ଯାହାର ନାମ ହେଉଛି ଏଣ୍ଡି। ଏହି ରୋବୋର ମଣିଷ ପରି ଝାଳ ବି ବୋହୁଛି, ଶୀତ ଲାଗୁଛି ଓ ସବୁଠୁ ବଡ଼ କଥା ହେଲା ଏହା ଶ୍ୱାସକ୍ରିୟା କରିପାରୁଛି। ଝାଳ ବୋହୁଥିବାରୁ ଏହାକୁ ସ୍ୱେଟି ରୋବୋ ନାମରେ ନାମିତ କରାଯାଇଛି। ଅନେକ ବ୍ରିଲିଆଣ୍ଟ ରୋବୋ ନିଜର ବୁଦ୍ଧିକୁ ଏକଜୁଟ କରି ଏହାକୁ ପ୍ରସ୍ତୁତ କରିଛନ୍ତି । ଏହି ଥର୍ମାଲ ରୋବୋରେ ଏଭଳି ବିଶେଷତ୍ୱସବୁ ଥିବାରୁ ଏହା ଅନେକାଂଶରେ ମଣିଷ ଭଳି ପ୍ରତ୍ୟେୟ ହୁଏ। ଏହି ରୋବୋର ମଣିଷ ଭଳି ଚର୍ମ ତିଆରି କରାଯାଇଛି। ଯାହାକି ଗରମ ଓ ଥଣ୍ଡାକୁ ଅନୁଭବ କରିପାରେ। ଏହା ବିଭିନ୍ନ ପ୍ରକାରର ମଣିଷ ଶରୀର ଉପରେ ଗରମର ପ୍ରଭାବ କିଭଳି ପଡ଼ିଥାଏ ତାହା ଟେଷ୍ଟ କରିପାରେ। ଆମେରିକାର ଫାର୍ମ ଥର୍ମେଟ୍ରିକ୍ସ ଏଭଳି ୧୦ଟି ରୋବୋ ତିଆରି କରିଛନ୍ତି। ଏହି ଫାର୍ମ ଏହି ରୋବୋ ମଡେଲ ଆଧାରରେ ସ୍ୱେଟି ବେବି ରୋବୋ ବି ତିଆରି କରିଛନ୍ତି। ଯାହା ସାହାଯ୍ୟରେ ପିଲାଙ୍କର ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ବୁଝିବା ଲାଗି ସାହାଯ୍ୟ ମିଳିବ।

# ବର୍ଷା ହେଉ ନ ଥିବା ଗାଁ





ଧରାପୃଷ୍ଠରେ ବର୍ଷାର ଆବଶ୍ୟକତା କେତେ ତାହା ସମସ୍ତେ ଜାଣନ୍ତି। ତେଣୁ ବର୍ଷାର ଅପେକ୍ଷା ସମସ୍ତଙ୍କର ଥାଏ। ଆଉ ରିମ୍‌ଝିମ୍ ବର୍ଷା ବର୍ଷିଗଲେ କୀଟପତଙ୍ଗ, ତରୁଲତାଠୁ ଆରମ୍ଭ କରି ମଣିଷ ସମସ୍ତେ ଖୁସିରେ ଝୁମି ଯାଆନ୍ତି। ହେଲେ ଏଇ ଧରାପୃଷ୍ଠରେ ହିଁ ଏମିତି ଏକ ସ୍ଥାନ ଅଛି, ଯେଉଁଠି ଆଜିଯାଏ ବର୍ଷା ହୋଇ ନାହିଁ। ଲାଗେ ସତେ ଯେମିତି ଇନ୍ଦ୍ର ଦେବତାଙ୍କ ନଜର ଆଢୁଆଳରେ ରହିଯାଇଛି ଗାଁଟି। ତେବେ ଆଶ୍ଚର୍ଯ୍ୟର କଥା କେବେ ବର୍ଷା ହେଉ ନ ଥିଲେ ହେଁ, ଏଠାକାର ଜୀବଜଗତ ବେଶ୍ ଆରାମରେ ଜୀବନ ଯାପନ କରୁଛନ୍ତି। ଏହି ବିଚିତ୍ର ସ୍ଥାନଟି ହେଉଛି ମଧ୍ୟ ପୂର୍ବ ଏସିଆର ୟମନରେ ଥିବା 'ଅଲ୍-ହୁଟେବ' ଗାଁ। ଏହି ଗାଁରେ ଆଜି ପର୍ଯ୍ୟନ୍ତ ଗୋଟିଏ ବୁନ୍ଦା ବି ବର୍ଷା ହୋଇ ନାହିଁ। ଏହା ପଛର ମୁଖ୍ୟ କାରଣ ହେଉଛି ଗାଁଟି ସମୁଦ୍ରପତନଠାରୁ ବହୁ ଉଚ୍ଚରେ ପ୍ରାୟ ୩୨୦୦ ମିଟର ଉଚ୍ଚତାରେ ଅବସ୍ଥିତ। ଆଉ ବାଦଲ ହେବାର ପ୍ରକ୍ରିୟା ସାଧାରଣତଃ ୨୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ହିଁ ସମ୍ଭବ ହୋଇଥାଏ। ଏହି ଦୃଷ୍ଟିରୁ ଦେଖିଲେ ବାଦଲ ଏହି ଗାଁଠାରୁ ବହୁ ତଳେ ଗଠିତ ହୋଇଥାଏ। ତେଣୁ ଏଠାରେ ବର୍ଷା ହୋଇ ନ ଥାଏ। ତଥାପି ଏଠାକାର ଅଧିବାସୀ ବେଶ୍ ଆରାମରେ ରୁହନ୍ତି। ତାଙ୍କ ଉପରେ ବର୍ଷା ନ ହେବାର କୌଣସି ପ୍ରଭାବ ପଡ଼ି ନ ଥାଏ।





# ଶରୀରରେ ନିଆଁ ଲଗାଇ ଦୌଡିଲେ

ଏ ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯାହାଙ୍କୁ ବିପଦ ସହ ଖେଳିବାକୁ ଭଲ ଲାଗେ। ଆଉ ଜୀବନକୁ ବାଜି ଲଗାଇ ସମସ୍ତଙ୍କୁ ଚକିତ କଲାଭଳି କାମ କରିବାରେ ସେମାନଙ୍କୁ ଆତ୍ମସନ୍ତୋଷ ମିଳେ। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ଫ୍ରାନ୍ସର ଜନଥନ ବେରୋ। ୩୯ ବର୍ଷୀୟ ବେରୋ ନିଜ ପୁରା ଶରୀରରେ ନିଆଁ ଲଗାଇ ୧୦୦ ମିଟର ଦୂରତାକୁ ସବୁଠାରୁ କମ୍ ସମୟରେ ଅତିକ୍ରମ କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏହି ବିପଜ୍ଜନକ କାର୍ଯ୍ୟ କରିବାବେଳେ ସେ ଅକ୍ସିଜେନ୍ ସିଲିଣ୍ଡରର ସାହାଯ୍ୟ ବି ନେଇ ନ ଥିଲେ। ଆଉ ପୁରା ଶରୀରରେ ନିଆଁ ଲଗାଇ ୨୭୨. ୨୫ ମିଟର ଦୌଡିଥିଲେ। ବେରୋ କହନ୍ତି, ' ମତେ ପିଲାଟି ଦିନରୁ ନିଆଁ ସହିତ ଖେଳିବାର ସଉକ ଥିଲା। ତେଣୁ ବଡ଼ ହେବା ପରେ ଫାୟାର୍ ଫାଇଟର୍ ହେଲି। ତା'ସହ ଷ୍ଟଣ୍ଟମ୍ୟାନ ଭାବେ ବି କାମ କଲି। ମୋ ମନରେ ଭୟର ସ୍ଥାନ ନାହିଁ। ତେଣୁ ଏହି ବପଜ୍ଜନକ କାର୍ଯ୍ୟକୁ ବେଶ୍ ସୁରୁଖୁରୁରେ କରିପାରିଲି।'